ଶୀତ ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର ୨୦୧୯

-କାକର ଭିଜା-
କବିତା ସମ୍ଭାର

www.hirranmayi.com

ଶୀତ ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପୂଜା ଓ ପୁଲକର ନୂତନ ଇସ୍ତାହାର ଶ୍ରୀ ୨୦୧୯

ହିରଣ୍ମୟୀ- ବିଶେଷାଙ୍କ - ଶୀତ - କାକର ଭିଜା କବିତା ସମ୍ଭାର -

-କାକର ଭିଜା- କବିତା ସମ୍ଭାର

(ଡିସେମ୍ବର-୨୦୧୯) -ଏହି ବିଶେଷାଙ୍କ କୁ ନିଜ ସୃଜନ ସୃଷ୍ଟିରେ ଅଳଙ୍କୃତ କରିଛନ୍ତି :

ଋତୁ ଶିଶିର(ଶୀତ ଋତୁ ବର୍ଣ୍ଣନା) -ମହାକବି କାଳିଦାସଙ୍କ ରଚିତ ଋତୁ ସଂହାର ମୂଳ ଶ୍ଲୋକ ସହ ଅନୂଦିତ ଭାବାନୁବାଦ
(ରାଗ- ଚୋଖି) - ଶ୍ରୀ ବୃନ୍ଦାବନ ଚନ୍ଦ୍ର କର , (ସାହିତ୍ୟାଚାର୍ଯ୍ୟ)

ଶୀତ
ଭାନୁଜୀ ରାଓ

ଉପଭୋଗ
ବିଦ୍ୟୁତ ପ୍ରଭା ଦେବୀ

ତୁମ ପରି ତୁମେ ପରା
ଡକ୍ଟର ସଚ୍ଚିଦାନନ୍ଦ କର

ଶୀତର ଗୀତ
ଡକ୍ଟର କୃତିବାସ ନାୟକ

ଅଭିନନ୍ଦନ ଶୀତ
ସୁବାଷ ଚନ୍ଦ୍ର ପଣ୍ଡା

ନବୀନା ବଧୂ
ଦୀପକ କୁମାର ଦେ

ଶୀତ
ମନୋରମା ମିଶ୍ର

ଫି'ବର୍ଷ ଶୀତ
ପୁଷ୍ପାଞ୍ଜଳି ପଣ୍ଡା

ଶୀତ ନିଦ୍ରା
ପ୍ରସନ୍ନ କୁମାର ମାଦଳା

ଶୀତ ସକାଳ
ତପନ କୁମାର ସ୍ୱାଇଁ

ଶୀତର ଚିତ୍ର
ଲତିକା ବିଳାସ

ଶୀତ ଆସିଛି
ଜୟଶ୍ରୀ ପଟ୍ଟନାୟକ

ଶୀତ
ଆଲୋକ କୁମାର ରାୟ

ଶୀତ ର ରାଜୁତି
ସୁଦ୍ରମା ପଣ୍ଡା

ଶୀତ କୁଆଁରୀ
ଅମ୍ବିକା ସ୍ୱାଇଁ

ଶୀତ ଆଗମନେ
ଅରୁଣ କୁମାର ମହାନ୍ତି

ଶୀତ ଲହରୀ
ପ୍ରଶାନ୍ତ କୁମାର ନାଥ

ଶୀତ ଆସିଛି
ସୁଦର୍ଶନ ମହାପାତ୍ର

ଶୀତ ଯେବେ ଆସେ
ବୀଣାପାଣି ରାଏଗୁରୁ

ଶୀତ ସକାଳ
ଜ୍ୟୋତିର୍ମୟୀ ପରିଜା

ଶୀତ ସନ୍ଧ୍ୟା
ଅନିତା ପାଣି

ଶୁଭଦ ଶୀତ
ରମେଶ ଚନ୍ଦ୍ର ପସାଏତ୍

ଶୀତ ଆସେ
ପ୍ରୀତିନନ୍ଦା ପାଣିଗ୍ରାହୀ

ଶୀତ କବିତା
ରଶ୍ମିତା ଦୀକ୍ଷିତ

ଶୀତ ଗାଉଛି ଗୀତ
ଶ୍ରୀମତୀ ବସନ୍ତ ମିଶ୍ର

ଆଇଛେ ଶୀତ୍ (ସମ୍ବଲପୁରୀ)
ପ୍ରବାସିନୀ ହୋତା

ଶୀତ
କମଳିନୀ ଦେବୀ

ଶୀତ ଆଗତ ମିତ ଜଗତ ହିତେ
ମୁରାରୀ ପ୍ରସାଦ୍ ପଶାଏତ୍

ନଈ କୂଳେ କୂଳେ ଶୀତ
ପ୍ରତିଭା ପରିଜା

ମିତ ବୋଲି ସିନା -କହିଲି ତତେ
ସାବିତ୍ରୀ ପୁରୋହିତ

ଶୀତ ସ୍ମୃତି
ସୁପ୍ରଭା ସାମଲ

ଏବେର ଶୀତ କେବେ ମଧୁ ବସନ୍ତ
ପଙ୍କଜିନୀ ଉପାଧ୍ୟାୟ

ଆଶିଷ ଭଣ୍ଡାର ଶୀତ
ତ୍ରିଲୋଚନ ପଣ୍ଡା

ଆମ ଗାଆଁରେ ଶୀତ
ସୁଷମା ପରିଜା

ଶୀତ ଆସିଛି
ପଦ୍ମିନୀ ଦାଶ ମହାପାତ୍ର

ଶୀତ ତମେ ଆସ
ପ୍ରିୟଦର୍ଶିନୀ ମହାରଣା

ଏକ ଶୀତୁଆ ସକାଳ
ବାଉରୀବନ୍ଧୁ ଲେଙ୍କା

ଅଭିସାରିକା ଶୀତ
ତାପ୍ତିମୟୀ ପଣ୍ଡା ମିଶ୍ର

"ଶୀତ ରେ ସମ୍ପର୍କ " -

ଶିଶିର ରାତ୍ରି –
ଶ୍ରୀମତୀ ପ୍ରଣତି ଆଚାର୍ଯ୍ୟ ମିଶ୍ର

ମୁଁ ଶୀତୁଆ ରାତିର ଶିଶିର-
ଶ୍ରୀ ଲଳିତ ମୋହନ ମିଶ୍ର

ଶୀତ କୁ ପଦେ
ପ୍ରଭାତ କୁମାର ନାୟକ

ଶୀତ ପାଇଁ ଗୀତ
ଅନିମା ପଟ୍ଟନାୟକ

ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପୁଞ୍ଜା ଓ ପୁଲକର ନୂତନ ଇଷ୍ତାହାର ଶ୍ରୀ ୨୦୧୯
-କାକର ଭିଜା-
କବିତା ସମ୍ଭାର

ମହାକବି କାଳିଦାସଙ୍କ ରଚିତ ଋତୁ ସଂହାର ମୂଳଶ୍ଲୋକ ସହ ଅନୂଦିତ ଭାବାନୁବାଦ (ରାଗ- ଚୋଖି) - ଶ୍ରୀ ବୃନ୍ଦାବନ ଚନ୍ଦ୍ର କର , (ସାହିତ୍ୟାଚାର୍ଯ୍ୟ)

ଋତୁ ଶିଶିର

(ଶୀତ ଋତୁ ବର୍ଣ୍ଣନା)

ପ୍ରରୂଢଶାଳୀକ୍ଷୁଚୟୈର୍ମନୋହରମ୍
କ୍ୱଚିତ୍ସ୍ଥିତକ୍ରୌଞ୍ଚନିନାଦରାଜିତମ୍
ପ୍ରକାମକାମଂ ପ୍ରମଦାଜନପ୍ରିୟମ୍
ବରୋରୁ ! କାଳଂ ଶିଶିରାହ୍ୱୟଂ ଶୃଣୁ ।। ୧ ॥

କ୍ରୌଞ୍ଚ ନିନାଦ ରୁଚିର ଦୟିତେ ! ରମ୍ୟ ଶିଶିର
ପ୍ରମଦା-ଜନଙ୍କ ପ୍ରିୟ ଧାନ୍ୟେ ସୁନ୍ଦର
କାମ ସଞ୍ଚାର- ସମୟ ଭୋଗୀଙ୍କୁ ଦିଏ ଅଭୟ
ମୋଦ ଆଣେ ବାଳେ ଇକ୍ଷୁରସ ଆବର
ପ୍ରିୟେ ! ଏହି ଋତୁ ଶିଶିର
କରିଦିଏ ନିଜ ବଳେ ଜନେ ସ୍ଥବିର ।। ୧ ।

ନିରୁଦ୍ଧବାତାୟନମନ୍ଦିରୋଦରମ
ହୁତାଶନୋ ଭାନୁମତୋ ଗଭସ୍ତୟଃ
ଗୁରୁଣି ବାସାଂସ୍ୟବଳାଃସଯୌବନାଃ
ପ୍ରୟାନ୍ତି କାଳେଽତ୍ର ଜନସ୍ୟ ସେବ୍ୟତାମ୍ ।। ୨ ॥

ଅବରୁଦ୍ଧ ନିକେତନ ରବିକର ହୁତାଶନ
କମ୍ବଳ ବାସ ଯୁବତୀ ନାରୀ ଆବର
ଏ କାଳେ ମିଳି ସରବେ ଜନତାର ସେବାଭାବେ
କରନ୍ତି ଯତନେ ମନ ଦେଇ ସତ୍ୱର
ପ୍ରିୟେ ! ଏହି ଋତୁ ଶିଶିର
କରିଦିଏ ନିଜ ବଳେ ଜନେ ସ୍ଥବିର । ୨ ।

ପୁସ୍ତକ ପ୍ରକାଶନ ସମୟ -୧୯୬୮ ମସିହା

ନ ଚନ୍ଦନଂ ଚନ୍ଦ୍ରମରୀଚିଶୀତଳଂ
ନ ହର୍ମ୍ମ୍ୟପୃଷ୍ଠମ୍ ଶରଦିନ୍ଦୁ ନିର୍ମଳମ୍
ନ ବାୟବଃ ସାନ୍ଦ୍ରତୁଷାର ଶୀତଳା
ଜନସ୍ୟ ଚିତ୍ତମ୍ ରମୟନ୍ତି ସାମ୍ପ୍ରତମ୍ ।। ୩ ॥

ଶୀତଳ ବାସ -ଚନ୍ଦନ ଆବର ଚନ୍ଦ୍ର କିରଣ
ପ୍ରାସାଦ ଉପରିଭାଗ ଜ୍ୟୋସ୍ନାଧବଳ
ଗାଢ଼ ତୁଷାର ପବନ ନ ହରନ୍ତି ଜନମନ
ଶୀତ ଦେଖାଏ ଏ କାଳେ ପ୍ରବଳ ବଳ
ପ୍ରିୟେ ! ଏହି ଋତୁ ଶିଶିର
କରିଦିଏ ନିଜ ବଳେ ଜନେ ସ୍ଥବିର । ୩ ।

ତୁଷାରସଂଘାତନିପାତଶୀତଳାଃ
ଶଶାଙ୍କଭାଭି ଶିଶିରୀକୃତାଃ ପୁନଃ ।
ବିପାଣ୍ଡୁ ତାରାଗଣଚାରୁଭୂଷିତା
ଜନସ୍ୟ ସେବ୍ୟା ନ ଭବନ୍ତି ରାତ୍ରୟଃ ।। ୪ ॥

ଘନ ତୁଷାର ନିବହ ଶଶାଙ୍କ କିରଣ ସହ
ପାଣ୍ଡୁର ତାରକାଗଣ ଶୀତ ନିଶାରେ
ଜନସେବା ନ କରନ୍ତି କ୍ଳେଶ ଦାନେ ହୋଇ ବ୍ରତୀ
ନିରତ ଥାନ୍ତି ଶିଶିର ପରିଚର୍ଯ୍ୟାରେ
ପ୍ରିୟେ ! ଏହି ଋତୁ ଶିଶିର
କରିଦିଏ ନିଜ ବଳେ ଜନେ ସ୍ଥବିର । ୪ ।

କ୍ରମଶଃ.....

ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପୁଞ୍ଜା ଓ ପୁଲକର ନୂତନ ଇସ୍ତାହାର ଶୀତ ୨୦୧୯

-କାକର ଭିଜା-
କବିତା ସମ୍ଭାର

ଶୀତ

ଭାନୁଜୀ ରାଓ



ଏଥର ଆସିଚି କାଳ ପରିପୂର୍ଣ୍ଣ ଜରା ଓ ମୃତ୍ୟୁର
ଏଥର ଆସିଚି ଋତୁ ଲୋଳଚର୍ମା ବୁଢ଼ୀମାନଙ୍କର
କତରା କାଖେଇ କୋଳେ, ଇଷତ୍ ଉଷ୍ଣତା ପାଇଁ
ଉହ୍ମେଇରେ ସ୍ୱରଗ ଖୋଜିବା ।

ପବନ ପନିକି ଧରି କେଳଉଛି ରାତିର ଦେହକୁ,
ଏ ବର୍ଷ ବୁଢ଼ା ଯିବେ ଚାଲି ଅପର ପୁରକୁ,
ପାକୁ ପାକୁ ପାଟି କରି ସେ ହିସାବ ସେମାନେ କରନ୍ତି,
ଆମ ଗାଁର ବୁଢ଼ାକୁଳ, ଦନ୍ତହୀନ ମାଢ଼ି ଖାଲି ହଲେ,
ପାହାଡ଼ର ଶିଖ ପରି ଦୁଇପଟେ ଜାଗରିତ ହନୁ ।

ଏ ବର୍ଷ ଭାରି ଶୀତ
ଛପି ଛପି ଶୀତ ଋତୁ କେତେବେଳେ ପଶିଛି ଗାଁଆରେ !
ନିଶ୍ଚଳ ଆମ୍ବ ତୋଟା, ଖରାର ଉଷୁମ ଟାଣେ
ଡାଳ ଅଗେ ଘୁମୁରି କପୋତ ।

ନଈ ଆଜି କାଲି ବାଲି,
ଦିଗ୍‌ବଳୟ ଢାଙ୍କିଛି କୁହେଳି,
ଦୂରର ପାହାଡ଼ ସବୁ ଧୂସର ସ୍ୱପନ ଭଳି
କୁହୁଡ଼ିରେ ମ୍ଲାନ ।

ବେଳଗତ ହେଲେ ପୁଣି ଘୋଟିଆସେ ପାଣ୍ଡୁର ରଜନୀ,
ସୂର୍ଯ୍ୟଟା ମରିଯାଏ ଝଟ୍ କରି, ନିଜ ରକ୍ତେ ଖେଳୁ ଖେଳୁ ହୋରି,
ନିଷ୍ଠୁର ବ୍ୟାଧ ପରି ଲୁଚି ରାତିର ଉହାଡ଼େ,
ଶୀତ ଆସେ ଦୁର୍ନିବାର ଅନ୍ଧାରର ଦେହରେ ବିହରି ।

ସେ ଆସିଚି ଦେଖିବାକୁ ଜରତୀଙ୍କ ଏ ଯେଉଁ ଯନ୍ତ୍ରଣା
ଏଥର ଆସିଚି ଶୀତ-ମାସର ଏ ଅସହ୍ୟ ତୁହିନ
ଏଥର ଆସିଚି ଦିନ ନିର୍ମଳ ଅବକ୍ଷୟତାର
ଏଥର ଆସିଚି ରାତି କରିବାକୁ ଘୋର ଉତ୍‌ପୀଡ଼ନ ।

ଭାନୁଜୀ ରାଓ, ୧୯୨୬ ମସିହା ନଭେମ୍ବର ୩ ତାରିଖରେ କଟକର କାଳି ଗଳିରେ ଜନ୍ମ ଗ୍ରହଣ କରିଥିଲେ । ସେ ଆଜୀବନ ଅବିବାହିତ ଥିଲେ । ସେ ଭକ୍ତକବି ମଧୁସୂଦନ ରାଓ ଙ୍କର ନାତି ଥିଲେ । ଶିକ୍ଷକତା ଓ ସାମ୍ବାଦିକତାକୁ ସେ ବୃତ୍ତି ଭାବରେ ଗ୍ରହଣ କରିଥିଲେ । ୧୯୫୮-୬୦ ଯାଏଁ, ସେ ମାତୃଭୂମି ଓ ୧୯୬୦-୬୯ ଯାଏଁ କଳିଙ୍ଗରେ ସାମ୍ବାଦିକତା କରିଥିଲେ । ମସୂରୀସ୍ଥିତ ଲାଲ ବାହାଦୂର ଶାସ୍ତ୍ରୀ ପ୍ରଶାସନିକ ବିଦ୍ୟାଳୟରେ ସେ ସତର ବର୍ଷ ଧରି, ଭାଷା ଶିକ୍ଷକ ଭାବରେ କାର୍ଯ୍ୟ କରିଥିଲେ । କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର (ନଇ ଆରପାରି ପାଇଁ ୧୯୮୯ରେ) ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର (ଚନ୍ଦନ ବନରେ ଏକା କବିତା ପାଇଁ ୧୯୯୬ ରେ) ଏହି କବି ମୁଖ୍ୟତଃ କବିତା ଗ୍ରନ୍ଥ ରଚନା କରିଥିଲେ । ତାଙ୍କର କବିତା ଗ୍ରନ୍ଥ ମଧ୍ୟରେ 'ନୂତନ କବିତା', ' ବିଷାଦ ଏକ ଋତୁ', 'ଧୂଷର ବର୍ଣ୍ଣମାଳା' 'ହଳଦୀ ପତ୍ରର ବାସ୍ନା' ଆଦି ଅନ୍ୟତମ । ଭାନୁଜୀଙ୍କ ଓଡ଼ିଆ କବିତାକୁ ୧୯୫୫ ମସିହା ବେଳେକୁ ଆଗମନ ହୁଏ । ତାଙ୍କ ଲେଖା ଗୁଡିକରେ ସଙ୍ଗୀତ ଓ ପ୍ରକୃତିର ଭାଷା ଦେଖିବାକୁ ମିଳେ । ମଧୁସୂଦନ ରାଓଙ୍କ ଭଳି, ଭାନୁଜୀଙ୍କର କବିତାରେ ଶାଣିତ, ଶୃଙ୍ଖଳିତ ଓ ସୁନ୍ଦର ଭାବ ଦେଖିବାକୁ ମିଳେ । ସେ ଆଧୁନିକ ଜୀବନଚର୍ଯ୍ୟାର ଜଟିଳ ରୂପକୁ କବିତାରେ ଦର୍ଶାଇଛନ୍ତି । ଚିତ୍ରକଳ୍ପ ଓ ଭାଷା ପ୍ରୟୋଗରେ ତାଙ୍କର ସ୍ୱତନ୍ତ୍ରତା ରହିଥିଲା ।

ଶୀତ ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପଦ୍ମା ଓ ପୁଲକର ନୂତନ ଇସ୍ତାହାର ଶୀ ୨୦୧୯

-କାକର ଭିଜା-
କବିତା ସମ୍ଭାର

ଉପଭୋଗ

ବିଦ୍ୟୁତ ପ୍ରଭା ଦେବୀ

ତୋଟା ଆରପାରି ସୋରିଷ କିଆରି
ପବନେ ତୋଳଇ ଢେଉ ଥିରି ଥିରି
ପବନେ ତୋଳଇ ଢେଉ
ସେ ଫୁଲା ପବନେ ସୌରଭ ଧାର
ନିଃସରି, ଉଡେ ନୂଆ ମଗୁଶିର
କୁଆଁରୀ କନିଆଁ ଦେହୁଁ ।

ପହିଲି କଳେଇ ଅମାରେ ଆଇଛି
ହଜିଲା ନିଧିକି ହଳିଆ ପାଇଛି
ହଜିଲା ନିଧିକି ତାର
ଆପଣାକୁ ଆପେ ଭାଳିବାର ପାଇଁ
ନିଃଶ୍ୱାସ ଏକ ଅବସର ନାହିଁ
ଦେଖି ତା, ଫସଲ ଭାର ।

ପାଣି ତୁଠ ଦେଖି ପିଆସୀ ଭଳିଆ
ବେତାଳ ରାଗିଣୀ ଛାଡିଛି ହଳିଆ
ଛାଡିଛି ବେସୁରା ତାନ
ସେ ତାନ ମାରୁଛି ଈର୍ଷା ଚାବୁକ
ପଥେ ଶୁଣୁ ଶୁଣୁ ଭାଳଇ ଭାବୁକ
କିଏ ଏ ଭାଗ୍ୟବାନ ।

ଭୋଗୀ କାହିଁ ବୁଝେ ଶ୍ରମିକ ଜୀବନ
କେଡେ ଦୁର୍ବହ, କେଡେ ସ୍ୱାଦ ହୀନ
କେଡେ ଲାଞ୍ଛନାମୟ
ଦୁନିଆଁ ର ଯେତେ ଝଞ୍ଝା ଚଡକ
ଯେତେ ଦୁର୍ଦ୍ଦିନ ଅକାଳ ,ମଡ଼କ
କରେ ସେ କେସନେ ଜୟ ।

ପଲ୍ଲୀ ମାଟିର ମୃଦୁ ନିଃଶ୍ୱାସ
ପରାଣକୁ ଲାଗେ କେଡେ ଉଶ୍ୱାସ
ଉଶ୍ୱାସ କରେ ଛାତି
ବୁଝେ କାହିଁ ତାହା ଦୁଃସ୍ଥ କୃଷାଣ
ଦୁର୍ଦ୍ଦଶା ଘାତେ ସଦା ମ୍ରିୟମାଣ
ଦୈନ୍ୟ ଯା' ଚିରସାଥି ।

ଜଞ୍ଜାଳ ମୟ ଜୀବନ ଯାତନା
ଭୁଲିବାକୁ ଗୀତ ଗାଏ ଅନାବନା
ନିତି ଅଭ୍ୟାସ ଦୋଷେ
ନୁହେଁ ସେ ସ୍ୱପ୍ନ ବିଳାସୀ ଭାବୁକ
ମାଟିର ଜୀବ ସେ ଦୀନ,ମୁଢ ,ମୂକ
ମାଟି ତା' ଜୀବନ ଶୋଷେ ।

ପ୍ରକାଶିତ ପତ୍ରିକା : ଝଙ୍କାର -୧୯୫୧

ବିଦ୍ୟୁତ ପ୍ରଭା ଦେବୀ, ଓଡ଼ିଆ ଭାଷାର ଶ୍ରେଷ୍ଠ ମହିଳା କବିମାନଙ୍କ ମଧ୍ୟରେ ପରିଗଣନା କରାଯାଏ । ସେ ୧୯୨୬ ମସିହାରେ ନାତ୍ରା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ନିଜ **କାବ୍ୟ ସଙ୍କଳନ 'ସଞ୍ଚୟନ'** ପାଇଁ, ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି ।

ରେଭେନ୍ସା ବାଳିକା ବିଦ୍ୟାଳୟରେ ମାତ୍ର ନବମ ଶ୍ରେଣୀ ଯାଏଁ ପଢିଥିବା ବିଦ୍ୟୁତ ପ୍ରଭା ଦେବୀ ଆପେ ଆପେ ଇଂରାଜୀ, ବଙ୍ଗଳା ଭାଷା,ବ୍ୟାକରଣ ତଥା କବିତା ରଚନାର ବିଭିନ୍ନ ବିଭବ ଶିକ୍ଷା କରିଥିଲେ । ନିଜ ପିତାଙ୍କ ବନ୍ଧୁ କୃଷ୍ଣଚନ୍ଦ୍ର କର, ରାଧାମୋହନ ଗଡ଼ନାୟକ ଓ ମାୟାଧର ମାନସିଂହ ଆଦିଙ୍କ ଦ୍ୱାରା ପ୍ରଭାବିତ ହୋଇ ୧୯୪୦ ମସିହାରୁ କବିତା ଲେଖିବା ଆରମ୍ଭ କରିଥିଲେ । ନିଜ ବଡ଼ ଭଉଣୀ ବାସନ୍ତି ଦେବୀଙ୍କ ସହ ମିଶି ୧୯୪୯ ମସିହାରେ **'ସବିତା'** ନାମରେ ନିଜର ପ୍ରଥମ କାବ୍ୟ ସଙ୍କଳନ ପ୍ରକାଶ କରିଥିଲେ । ବିବାହ ପରେ, ତାଙ୍କ ସ୍ୱାମୀ ପଞ୍ଚାନନ ମହାନ୍ତି ତାଙ୍କୁ ଏ ଦିଗରେ ଖୁବ ଉତ୍ସାହିତ କରିଥିଲେ ଏବଂ ତାଙ୍କର କବିତା ରଚନା ଅନବରତ ଚାଲି ରହିଥିଲା ।

୧୯୫୨ମସିହାରେ ମାତୃତ୍ୱ ଲାଭ କରିବା ପରେ, ବିଦ୍ୟୁତ ପ୍ରଭା ଶିଶୁମାନଙ୍କ ପାଇଁ ଲେଖିବା ଆରମ୍ଭ କଲେ ଏବଂ ଖୁବ ଲୋକପ୍ରିୟ ହୋଇପାରିଥିଲେ ଓ ବହୁବାର ପୁରସ୍କୃତ ହୋଇଥିଲେ । ନାରୀ କବି ପୂଣ୍ୟପ୍ରଭା ଦେବୀ, ବିଦ୍ୟୁତପ୍ରଭା ଙ୍କ ଭଉଣୀ ।

୧୯୭୭ ମସିହାରେ ବିଦ୍ୟୁତ ପ୍ରଭା ଦେବୀଙ୍କର ତିରୋଧାନ ଘଟିଥିଲା ।

ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପୁଞ୍ଜା ଓ ପୁଲକର ନୂତନ ଇଷ୍ତାହାର ୨୦୧୯

-କାକର ଭିଜା-
କବିତା ସମ୍ଭାର

ତୁମ ପରି ତୁମେ ପରା

ପ୍ରାଧାପକ ଡକ୍ଟର ସଚ୍ଚିଦାନନ୍ଦ କର

ହେମନ୍ତ ଫେରିଲା ଶୀତଟି ଆସୁଛି
ଥିରିଥିରି ପାଦେ ହାଏ
ଥରାଉଛି ସିଏ ଥରୁଛନ୍ତି ଏବେ
ପିଲାଠାରୁ ବୁଢା ଯାଏ ।।

ସକାଳ ଆକାଶେ ହସୁଛି ସୂରୁଯ
କଅଁଳ କିରଣ ବୁଣି
ମିଠା ଲାଗୁଅଛି ପରଶ ତାହାର
ପୁଲକ ଜାଗୁଛି ପୁଣି ।।

ସଂଜ ନଇଁଗଲେ ପକ୍ଷୀର କାକଳି
ଆସୁନାହିଁ ଏବେ ଝରି
ବଗିଚାରେ ଆଉ ସୁବାସିତ ଫୁଲ
ଫୁଟୁନାହିଁ ଆଗପରି ।।

ବିଞ୍ଚି ଦେଉଅଛି ଶୀତ ସମୀରଣ
ଉତ୍ତର ଦିଗରୁ କିଏ
ମନ ଚାହୁଁଅଛି ଉଷୁମ ନେବାକୁ
ପୋଷାକଟି ଆଣି ଦିଏ ।।

ବନ ଭୁଇଁ କୋଳେ ସଫା ଜହ୍ନଟିର
ଆଲୋକଟି ଏବେ ଖେଳେ
ପୁନେଇଁ ରାତିରେ ମନ ହଜୁଅଛି
ପ୍ରିୟ ସାଙ୍ଗ ସାଥି ମେଳେ ।।

ବରଷକ ପରେ ନୂଆ ଚେହେରାରେ
ଆସୁଛ ହେ ତୁମେ ଶୀତ
କଷଣର ଋତୁ କହିଲେ କେ' କହୁ
ତୁମେ ସଭିଙ୍କର ମିତ ।।

ଖୁସି ହେଉଅଛି ଚଷାପୁଅ ଦେଖି
ସୁନାରଙ୍ଗୀ ଧାନକ୍ଷେତ
ମନ ଖୋଲି ସିଏ କହୁଛି ସବୁଠି
ଶୀତର ସୁଷମା ଏ'ତ ।।

ଆସୁଛ ଏମିତି ଆସୁଥାଅ ତୁମେ
ବଦଳୁଥାଉ ଏ ଧରା
ଋତୁଟିଏ ଆଉ କିଏ କାହିଁ ଏଠି
ତୁମ ପରି ତୁମେ ପରା ।।

" ନିର୍ମାଲ୍ୟ "
ନୂଆପଡା, ନୟାବଜାର, କଟକ - ୦୪

ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପଞ୍ଚା ଓ ପୁଲକର ନୂତନ ଇଷ୍ତାହାର ୨୦୧୯
-କାକର ଭିଜା-
କବିତା ସମ୍ଭାର

ସାହିତ୍ୟ ସାଧକ ଡକ୍ଟର କୃତ୍ତିବାସ ନାୟକଙ୍କ କଲମରୁ ନିଃସୃତ ଦୁଇଟି ଶୀତର ଗୀତ :

ଶୀତର ଗୀତ - ୧

ଏଇ ଶୀତପାଇଁ ରହିଥିଲି ଚାହିଁ ଭାବନାର ଦୀପଜ୍ୱାଳି,
କୁନ୍ଦକଳିର କାମନା ନେଇ ମୁଁ ନିଜେ ଯାଉଥିଲି ଜଳି |(ଘୋଷା)

ମନ ବେହେଲାରେ ମେଘ ମହ୍ଲାର ସୁର ଦେଇଥିଲି ତୋଳି,
ସେ ତାନ ବାଜିଲା ତୁମରି କାନରେ ତୁମ ମନ ଗଲା ଢଳି |
ମିଳନ ରଙ୍ଗରେ ରଙ୍ଗେଇ ହୋଇ ମୁଁ ରହିଲି ଦୁଆର ଖୋଲି |(୧)

କନକନ ଶୀତେ ଛନଛନ ମନେ ସାଉଁଳେଇ ଦେଲ ମୋତେ,
ଗହମ ନିଦରେ ଶୋଇ ପଡ଼ିବାକୁ ଗପ କହିଦେଲ କେତେ |
ଶୀତୁଆ ରାତିର ମଧୁର ସପନ ଆଗରୁ ଦେଖି ନ ଥିଲି | (୨)

ଶୀତର ଗୀତ - ୨

ଶୀତଦିନ ଥିଲା ସୁବର୍ଣ୍ଣଦୀପରୁ ହୀରା କନିଆଁ ଆସିଲା,
ଚହଳ ପଡ଼ିଲା ଆଗରୁ କୁଆଡ଼େ ସେ ମୋର ପ୍ରେମିକା ଥିଲା |(ଘୋଷା)

ମୋତି ମହଲରେ ପଶିବା ଆଗରୁ ଦେଖିଲେ ନଗରବାସୀ,
ରୂପସୀର ରୂପ ଝଟକି ଉଠିଲା ସଭିଏଁ ହୋଇଲେ ଖୁସି |
ମୋ ମନ ନାଚିଲା ଆକାଶ ଛୁଇଁଲା ଘର ମହକି ଉଠିଲା |
ଶୀତଦିନ ଥିଲା ସୁବର୍ଣ୍ଣଦୀପରୁ ...(୧)

ଖିଆଲୀ ମନର କଳ୍ପନା ସିଏ ଝରା ଶେଫାଳିର ଗୀତି,
ସାତ ସାଗରର ଅଥଳ ଜଳରେ ଖୋଜୁଥିଲି ତା'ର ପ୍ରୀତି |
ନୀରବତା ଭାଙ୍ଗି ମୂର୍ଚ୍ଛନା ତୋଳି ସେ ଗୀତିମୟ କରିଦେଲା |
ଶୀତଦିନ ଥିଲା ସୁବର୍ଣ୍ଣଦୀପରୁ ....(୨)

ମେରିଲ୍ୟାଣ୍ଡ, ଆମେରିକା -୨୧୧୫୨ ୨ -୧୨ -୧୯

ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

-କାକର ଭିଜା-
କବିତା ସମ୍ଭାର

ଅଭିନନ୍ଦନ ଶୀତ

ସୁଭାଷ ଚନ୍ଦ୍ର ପଣ୍ଡା

ତୁମେ ଆସ ମିଳନର ଗୀତ ଗାଇ
ହେମନ୍ତର ନବ ପଲ୍ଲବରେ ,
ପ୍ରସ୍ଫୁଟିତ ଲୋଧ୍ର ପରାଗରେ ,
ପରିପକ୍ୱଶାଳୀ ଧାନ , ତୁଷାର ପାତରେ ।

ତୁମେ ଆସ ସୋରିଷ ଫୁଲରେ ,
ଲକ୍ଷ୍ମୀ ପୂଜା , ମାଣବସା ମଣ୍ଡା କାକରାରେ ,
ଘାସ ପତ୍ରେ ଶିଶିର ବିନ୍ଦୁର ସ୍ୱଚ୍ଛ ଆଇନାରେ ,
ଗୋଟିଏ ସୁରୁଜ ଯହିଁ କୋଟି କୋଟି ହୋଇ
ନିଜ ମୁହଁ ଦେଖେ
ସକାଳର କଅଁଳ ଖରାରେ ।

ଆସ ଶୀତ , ଦେଖିଯାଅ
ଅସୀମ କିପରି ବନ୍ଦୀ ହୁଏ
ସସୀମର ଆବଦ୍ଧ ସୀମାରେ ,
କୋଟି କୋଟି ଆତ୍ମା ହୋଇ
ପରମାତ୍ମା ବନ୍ଦୀ ହେବା ପରି
ଦେହ ଦେଉଳରେ ।

ତୁମେ ଆସ ମୃଗଯୂଥ ବିଭୂଷିତ
ଉପବନେ ଅବା ପ୍ରାନ୍ତରରେ ,
କ୍ରୌଞ୍ଚ ପକ୍ଷୀ ନିନାଦରେ
ପ୍ରେମୀ ମନ କାମନା କୁଞ୍ଜରେ ,
ଉଷ୍ମ ଉତ୍କଣ୍ଠାରେ ,
ବିକଶିତ ନୀଳୋତ୍ପଳ
ଉନ୍ମତ୍ତ ହଂସରାଜି ଭରା
ସୁଶୀତଳ ସରସୀର ନିର୍ମଳ ଜଳରେ ।

ତୁମେ ବନ୍ଦୀ ହୋଇ ଯାଇ ପାର
ପ୍ରୀତି ସ୍ନିଗ୍ଧା ନାୟିକାର ଉଷ୍ମ ଆଶ୍ଳେଷରେ ,
ପୁଷ୍ପମଧୁ ସୌରଭରେ ,
ଘନକୃଷ୍ଣ ଅଗରୁ ଧୂପରେ ,
ଅବରୁଦ୍ଧ ଗବାକ୍ଷର ସୁସଜ୍ଜିତ
ଶଯ୍ୟା କୋଠରୀର ପଲଙ୍କ ଉପରେ
ମଖମଲ୍ଲୀ ଶଯ୍ୟାରେ , ଲଜ୍ଜ୍ୟାରେ ,
ପ୍ରଣୟ ପ୍ରୀତିରେ ।

ତୁମେ ପରାଜିତ ହୋଇ ଯାଇ ପାର
କୁଙ୍କୁମ ରାଗ ରଞ୍ଜିତ ବିଳାସିନୀ ବାଗ୍ ଦତ୍ତାର
ମଦମତ୍ତ ନବ ଯୌବନରେ ,
ଆସ ଥରେ – ସ୍ୱର୍ଣ୍ଣପଦ୍ମ ତୁଲ୍ୟ
ରମଣୀ ଓଷ୍ଠରେ , ଲୋହିତ ବର୍ଣ୍ଣର
ଆକର୍ଣ୍ଣ ବିସ୍ତୃତ ଚକ୍ଷୁ ,
ଲୋଳାୟିତ କେଶପାଶ , ଲକ୍ଷ୍ମୀଙ୍କ ଶୋଭାରେ ।

ତୁମ ଆଗମନେ ,
ଚଞ୍ଚଳାଙ୍କ ଧରାନୁଗମନ , କୃଷକ କ୍ଷେତରେ ,
ବସ୍ତ୍ର ବିଭବରେ ,
ତୁମେ ହିଁ ତ ଅଗ୍ରଦୂତ ବସନ୍ତର
ମଧୁମାଳତୀରେ ।

ଗହଗା ନରସିଂହ ପୁର ,କେନ୍ଦ୍ରାପଡା, ଓଡିଶା

ଶୀତ ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପଞ୍ଚା ଓ ପୁଲକର ନୂତନ ଇଷ୍ତାହାର ୨୦୧୯

-କାକର ଭିଜା-
କବିତା ସମ୍ଭାର

ନବୀନା ବଧୂ

ଦୀପକ କୁମାର ଦେ

କପାଳ ଚୁମ୍ବି କାକର ବୋଳି ଆସେ ଛନ୍ଦମୟୀ ଶୀତ
ମାଦକତାଭରା ପରିତୋଷେ ମହମହ ବାସେ ସଙ୍ଗୀତ।

ଆର୍ଦ୍ର ଆକ୍ଷିରେ ଶିଶିର ଅଧରେ ସ୍ୱାଗତ ସମ୍ଭାଷଣେ,
ଉଦୀୟମାନ,ଅମୃତୋପମ ବାଳ ଅରୁଣ କିରଣେ,
ଉତ୍ସୁକ ହୃଦୟେ ଆନନ୍ଦାଶ୍ରୁ ଛୁଏଁ ସମ୍ଭାବନା କୂଳ,
ଅନୁରାଗ ସ୍ପାକ୍ଷରେ ଉଚାଙ୍କିତ ଦୂର ଶିଖର ଚୁଳ।

ଆନନ୍ଦ ଦୋଳେ ସୁନା-ଧାନମେଖଳା;ଘରମୁହାଁ ହଳ,
ଆତ୍ମୀୟତାରେ ବିହାରେ ଗୃହାଭିମୁଖୀ ଗାଈଆଳ।

ମଣ୍ଡିତ ସୋରିଷ କ୍ଷେତ, ସଜ୍ଜିତ ଶ୍ରେୟସୀ ସୂର୍ଯ୍ୟମୁଖୀ,
ପ୍ରଣୟ ଆଶାରେ, ଅପେକ୍ଷା ଗଭାରେ ତନୁକାନ୍ତି ଦେଖି,
ଚିରଯୌବନା ରୂପଚର୍ଯ୍ୟାରେ ନୃତ୍ୟପରାୟଣା ଭାଷେ;
ଆହ୍ଲାଦ ପ୍ରାଙ୍ଗଣେ ,ସୁରମ୍ୟ ରଙ୍ଗଣୀ ପୁଷ୍ପମୟ ଦିଶେ।
ପ୍ରଭାମୟ କଳା-କୁଶଳତା କୈଶୋରିକା କଳପନା
ଝରଣ ତପସ୍ୱୀ ମୁଦ୍ରାରେ ପରଜାପତି ଆନମନା।

ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପଦ୍ଧା ଓ ପୁଲକର ନୂତନ ଇଷ୍ତାହାର ଶୀ ୨୦୧୯
-କାକର ଭିଜା-
କବିତା ସମ୍ଭାର

ଶୀତ

(ଶିଶୁ କବିତା)

ମନୋରମା ମିଶ୍ର

ମାଡି ଆସିଲାଣି ଧାରାକୁ ଶୀତ
ଥରାଇ ଦେଲାଣି ସାରା ଜଗତ
ଘରେ କି ବାହାରେ ଯିଏ ଯହିଁ ଥାଇ
ଶୀତ ଡରେ ଥରେ ସଭିଙ୍କ ଚିତ୍ତ ॥

ଗାଁ' ଠୁ ସହର ବୁଲୁଛି ସେ ତ
ନଈପଠା ପୁଣି ସବୁଜ କ୍ଷେତ
ଶେଫାଳି ରଜନୀଗନ୍ଧାକୁ ଫୁଟାଇ
କାକରରେ ଭିଜି ଗାଉଛି ଗୀତ ॥

ଚାଦର କମ୍ବଳ ହେଲାଣି କନ୍ଥା
ଆହୁରି ଗରମ ପୋଷାକ ଲୋଡ଼ା
ନିଆଁ ଜାଳି କିଏ ଉଷୁମ ନେଲାଣି
କିଏ ବା ପୁଙ୍ଗୁଳା ଖଣ୍ଡ ଖଡ଼ା ॥

ପଉଷ ପୁନେଇଁ ନୂଆ ବରଷ
ସକାଳ ଗାଧୁଆ ସେ ମାଘ ମାସ
ମକର ପରବ ବସନ୍ତ ପଞ୍ଚମୀ
ଏ ସବୁରେ ମନ ହୁଏ ହରଷ ॥

ଗେଣ୍ଡୁ ଫୁଲ ଫୁଟି ଦିଶୁଛି ଶୋଭା
ହସୁଅଛି ଶୀତ ଖୁସିରେ ଅବା
ଦୁଇ ମାସ ରହି ଚାଲିଯିବ ସିଏ
ଲାଗିଥିବ ତା'ର ଆସିବା ଯିବା ॥

ନୀଳାଦ୍ରି ବିହାର
ଭୁବନେଶ୍ୱର -୨୧

ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପୁଞ୍ଜା ଓ ପୁଲକର ନୂତନ ଇତ୍ତାହାର ୨୦୧୯

ଫି' ବର୍ଷ ଶୀତ

ପୁଷ୍ପାଞ୍ଜଳି ପଣ୍ଡା

ଫି' ବର୍ଷ ଶୀତ ଆସେ ,
ଦିନର ସମୟ ସବୁ ନେଇଯାଇ
ରାତି ଗୁଡା ବଡ଼ କରିଦିଏ...!!
ଥଣ୍ଡା ପବନରେ,କାକର ଭିଜା ସକାଳରେ
ସମୟଟା ଜାକିଜୁକି ହେଇ
ଶିତୁଆ ଚାଦର ଖଣ୍ଡେ ଘୋଡେଇ ହେଇଯାଏ,
ଘନ କୁହୁଡି ଘେରା ଗାଁ ପାଖ
ବିଲ,ବଣ, ପାହାଡ଼ ସେପଟୁ
ଧିରେ ଧିରେ ସୂର୍ଯ୍ୟ ଉଠୁଥାଏ....!!
ହେଲେ ,ମନ ଚାହେଁ ସେମିତି
ଶୋଇରହିବାକୁ କାଠୁଆ ଜାଡ଼ରେ
ଉଷୁମ ପରଷର ବିଛଣାରେ
ଖରା ଟିକେ ପଡୁଥିବା ଯାଏ....!!
ଅଧା ଛାଇ ଅଧା ଖରା
ଶୋରିଷ ଫୁଲରେ ଧରା
ଖିଲି ଖିଲି ହସୁଥାଏ
ଡେଙ୍ଗା ଡେଙ୍ଗା ଶାଳବଣ ,ନଈପଠା
ଥିରି ଥିରି ଗୀତ ଗାଉଥାଏ....!!
ଆସ୍ତେ ଆସ୍ତେ ବେଳ ସରେ,
ଖରା ଫେରେ,
ସ୍ନିଗ୍ଧ ଶିତଳତା ଛାଡି ଦେଇଯାଏ,
ବେଳୁ ବେଳ ଅନ୍ଧାର ରାତିରେ
ଶୀତର ପ୍ରକୋପ ଟିକେ ବେଶି ହେଉଥାଏ.... !!
ନିଆଁ ଉହ୍ମେଇରେ ଚାରି ପାଞ୍ଚ ଯୋଡ଼ା ହାତ
ସେକି ସାକି ହେଉଥାଏ ...,
ସମ୍ଭବତଃ, ଶୀତ ର ଆସର ପୁନଃ
ପ୍ରତ୍ୟାବର୍ତ୍ତନ କରୁଥାଏ .... !!

ଆସିଷ୍ଟାଣ୍ଟ ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର



ଶୀତ ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପଦ୍ଧା ଓ ପୁଲକର ନୂତନ ଇତ୍ତାହାର ଶ୍ରୀ ୨୦୧୯

-କାକର ଭିଜା-
କବିତା ସମ୍ଭାର

ଶୀତନିଦ୍ରା

ପ୍ରସନ୍ନ କୁମାର ମାଦଳା

ବେଙ୍ଗକୁ ଅନାଇ ବେଙ୍ଗୁଲୀ ବୋଇଲା
ଶୁଣୁଛ କି ଆହେ ମିତ
ସୁଖର ଦିନ କି ଶୀଘ୍ର ସରିଗଲା
ସହି ହେଉନାହିଁ ଶୀତ ।

ସଙ୍ଗିନୀ କଥାରେ ସମ୍ମତି ଜଣାଇ
ବେଙ୍ଗ ବୋଲେ ସତ ପ୍ରିୟା
ଉତ୍ତରା ପବନ ଘାଇଲା କଲାଣି
ଥରି ଯାଉଛି ଗୋ ହିୟା ।

ଟାଣ ନାହିଁ ଆଉ ଭାଙ୍ଗିଲାଣି ଖରା
ଭୂମିରୁ ଶୁଖିଲା ରସ
ଛବିର ରଙ୍ଗ ବି ଧୂଳି ଧୂସରିତ
ସତେକି କାଳର ବଶ ।

ଧରା ଛାଡି ଖରା ବେଳ ଥାଉଥାଉ
ଯାଉଛି କୁଆଡ଼େ ଫେରି
ପ୍ରଭାତେ ଆକୁଳ କୁସୁମ କଳିକା
ଖୋଲିବାରେ ହୁଏ ଡେରି ।

ଉପର ଶାଖାର ଫୁଲ ପାଇଁ ସିନା
ଟିକିଏ ଅଭୟ ବର
ତଳର କଥାକୁ କିଏ ବା ପଚାରେ
ଭାବିଲେ ଲାଗୁଚି ଡର ।

ଦୂର୍ବାଦଳ ପଛେ ଲୋତକ ଝରାଇ
ଥରିବେ ବେକାବୁ ବାତେ
ଗରିବ ଅଘରୀ ଜୀଇବା ସକାଶେ
ଧୈର୍ଯ୍ୟ ସାଉଁଟିବ ରାତେ ।

ବେଳ ବୁଡିଯିବ ସହଳ ସହଳ
ନୀରବି ଗଲେଣି ପକ୍ଷୀ
ଅପରାଧୀ ପାଇଁ ମନରେ ଆଶଙ୍କା
କି କରିବା କହ ସଖୀ ?

ନିରାପଦ ଆଉ ନୁହେଁ ଲୋ ସଜନୀ
ଧରିଥା' ପକାଇ ହାତ
ମାଟି ମାଆ କୋଳେ ଶୀତନିଦ୍ରା ଲାଗି
ଖୋଜିବା ଗଭୀର ଗାତ ।

ଘର ନଂ - ଏଫ୍ / ୧୩ / ସେକ୍ଟର - ୪
ରାଉରକେଲା - ୨
ଭ୍ରାମ୍ୟଭାଷ - ୭୯୭୮୧୯୨୨୨୭

ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପଞ୍ଚା ଓ ପୁଲକର ନୂତନ ଇଷ୍ତାହାର ୨୦୧୯
-କାକର ଭିଜା-
କବିତା ସମ୍ଭାର

ଶୀତ ସକାଳ

ତପନ କୁମାର ସ୍ୱାଇଁ

ଶୀତ ଥୁରୁଥୁରୁ ପହିଲି ସକାଳେ
କାକର ଆଙ୍କୁଛି ଝୋଟି ,
ସକାଳର ଖରା ଦେହେ ବୋଳି ହୋଇ
ଘାସରେ ଯାଉଛି ଲୋଟି ।

ନିଦ ମଳମଳ ଆଖି ଖୋଲି ଯେବେ
ଦେଖିଲି ଝରକା ଫାଙ୍କେ ,
ଧିଆନେ ଯେମିତି ରଙ୍ଗ ତୁଳି ଧରି
ବସି ଚିତ୍ରକର ଆଙ୍କେ ।

ବସିଛନ୍ତି ଦେଖ ଗଛମାନେ ସବୁ
ତୁନିହୋଇ ନିରବରେ,
କଙ୍କି ,ପ୍ରଜାପତି ,ଭଅଁର ଟିଏ ବି
ଉଡୁନାହିଁ ଫୁଲ ପରେ ।

ଶୀତର ଛୁଆଁରେ ସଭିଏଁ ଯେମିତି
ଶୋଇ ପଡିଛନ୍ତି ନିଦେ ,
ପତର ଫାଙ୍କରେ ସୁରୁଜର ମୁହଁ
ଦିଶିଲାଣି ଅଧେ ଅଧେ ।

ଶୀତ ଏମିତିକା ଋତୁଟିଏ ସେ ତ
ସଭିଙ୍କ ଦେହକୁ ଛୁଏଁ,
ତା'ପରିକା ଏତେ ଆପଣାର ଆଉ
ବନ୍ଧୁ ଅଛି କୁହ କିଏ ?

ଅଇବିଲି,ଜଗତସିଂହପୁର

ଶୀତ ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରଣ୍ୟୀ

ପ୍ରଜ୍ଞା ଓ ପ୍ରତିଭାର ନୂତନ ଇସ୍ତାହାର

ଶୀତ ୨୦୧୯

ଶୀତର ଚିତ୍ର

ଲତିକା ବିଳାସ

ପାଚିଲା ଧାନର ସୁନେଲୀ ପାଟ ପିନ୍ଧି
ଶୋରିଷ ଓ ସୂର୍ଯ୍ୟମୁଖୀ ଫୁଲ ମାଖି
ଓହ୍ଲେଇ ଆସେ ଶୀତ ,
ମଇଳା ଖରାକୁ ବିଦ୍ରୁପ କରି
ଜାହିର୍ କରେ ଆଧିପତ୍ୟ
ତା' ଅନନ୍ୟ ,ଅମୃତ ଚାହାଣୀ
ଖୋଲିଦିଏ ବିବିଧ ଫଳ ,ପୁଷ୍ପ ପ୍ରଦର୍ଶନୀ ॥

କର୍ମିଷ୍ଠ କୃଷକ ତା' କର୍ମରେ
ଆହାର ,ନିଦ୍ରା ଭୁଲି
ସଂଚୟ କରିଚାଲେ ମହୁ ॥

ବଜାରରେ ଶୀତ ବସ୍ତ୍ର ର ବର୍ଣ୍ଣାଳି
ଗତ ବର୍ଷର କୋଟ ,ଜ୍ୟାକେଟ
ଏ ବର୍ଷ କୁ ପୁରୁଣା ଫେସନ
ସବୁ ଶାଢୀ ,ଶାଲୱାର କୁ ଲୋଡା
ମେଚିଙ୍ଗ୍ ଶାଲ୍ ,ସ୍ୱେଟର
ଭଳି ଭଳି ମୋଜା ,ମଫଲର ରେ
ଅଣନିଃଶ୍ୱାସୀ ଆଲମାରି ॥

ପାର୍ଟି ଓ ପିକ୍ନିକ୍ ରେ ମଦ ଓ ମାଂସର ମଜା
ଆକଣ୍ଠ ଭୋଜନ ପରେ ନର୍ଦ୍ଦମାରେ ବିସର୍ଜିତ
ହଣ୍ଡା ହଣ୍ଡା ଖାନଦାନୀ ଖାନା
ମାଟିକୁ ଧରିଛି ଅଜିର୍ଣ୍ଣ
ମହୁର୍ମୁହୁଃ ଦୁର୍ଗନ୍ଧ ରେ ଫାଟିପଡେ ନାକ ॥

ଠିକ୍ ସେତିକି ବେଳେ
କେଉଁଠୁ ଦିଶିଯାଏ
ଜାଡରେ ଜଡ
ଭୋକରେ ମଢ ପାଲଟିଥିବା
କେତେ ଅର୍ଦ୍ଧ ଉଲଗ୍ନ
ବିବର୍ଣ୍ଣ ,ବିସ୍ମନ୍ନ ଜୀବନ୍ତ ଚିତ୍ର ॥



ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପୁଞ୍ଜା ଓ ପୁଲକର ନୂତନ ଇଷ୍ତାହାର ୨୦୧୯
-କାକର ଭିଜା-
କବିତା ସମ୍ଭାର

ଶୀତ ଆସିଛି

ଜୟଶ୍ରୀ ପଟ୍ଟନାୟକ

ରାସ୍ତାସାରା ବିଛେଇ ପଡିଛି
କାକରଭିଜା ଫୁଲ ପାଖୁଡା
ବତୁରି ଯାଇଛି ମାଟି
କାହାର ଚୁପି ଚୁପି ଶୀତଳ ଛୁଆଁରେ
କିଏ ଆସିଛି ?
ତାକୁ ସ୍ୱାଗତ କରି ଆଣିବା ପୂର୍ବୁ
ଛୁଇଁ ଯାଉଛି ସବୁରି ଦେହ ମନକୁ
ତା କାକରଭିଜା ପରଶରେ
କୁହୁଡି, କାକର, ହେମାଳ ପବନରେ
ଶିର ଶିରେଇ ଯାଉଛି ତାଳରୁ ତଳିପା ।

ତା ଉପସ୍ଥିତିରେ ତ ଦିଶିଯାଏ
ଗୋଲାପି ଓଠରେ ଦା' ପରି ଫଟା ଦାଗ
ଧାନ କିଆରିରେ ପାକଳ ଧାନ ଶିଶା
ନଈରେ କାଲୁଆ ପାଣି
ଉଷୁମ କମ୍ବଳ ତଳେ ଗାଢ଼ ନିଦ
ଆଉ ରାତିର ଲମ୍ବା ଆୟୁଷ ।

ରାସ୍ତା କଡ଼ କୁହୁଡ଼ିରେ ଲୁଚି ଯାଉଥାଏ
ପଥିକ ମାନଙ୍କର ମୁହଁ
ପର୍ବତ ଉପତ୍ୟକାରୁ, ପାର୍କ ଯାଏଁ
ବସିଥାଏ ଫୁଲଙ୍କର ହାଟ
ବଗିଚା, ହୋଟେଲ, ଦପ୍ତର, ସପିଂ ମଲ ରେ
ଦିଶିଯାଏ ରଙ୍ଗ ବେରଙ୍ଗ ଫୁଲଙ୍କର
ନବଯୌବନ ବେଶ
ସହରର ଛକ ମାନଙ୍କରେ
ଉଷୁମ ଚା' ଆଉ କଫିର ଭିଡ ।

ଶୀତ ଆସିଲେ ତ ମନେ ପଡ଼ିଯାଏ
ଓଦା ଓଦା ସ୍ମୃତିର କଥା
ମନ ସିଲଟରେ ଲେଖା ହୋଇଯାଏ
ବିଦାୟୀ ବର୍ଷର ସଜଳ ସ୍ମୃତି
କାକର କୁ କାଳି କରି ଲେଖାଯାଏ ସାରା
ବର୍ଷର ସ୍ମୃତି ଅନୁଭୁତିର କଥା
ବିରହ ମିଳନର ତାଜା ତାଜା କଥା
ମନପକ୍ଷୀ ବିନା ଜୀବନ ଜିଇଁବାର କଥା ।

ଏବେ ସାରା ବିପଣିରେ ସ୍ୱେଟର,ସାଲ, ମଫଲର
ରଙ୍ଗ ବେରଙ୍ଗ ଉଲ ର ମହୋତ୍ସବ
ସକାଳର କଅଁଳ ଖରା ଆଉ ଶୀତ ସଞ୍ଜର ଉଷୁମ
ଚା' ଖଟିରେ କଟିଯାଏ ସମୟ
ଶୀତ ଆସିଛି, କଳା ଠାକୁରଙ୍କ ଓଢଣଷଷ୍ଠୀ ବେଶରେ
ଶୀତ ଆସିଛି ମାର୍ଗଶିର ଲକ୍ଷ୍ମୀ ପୂଜା ଆଉ ଝୋଟି ଚିତାରେ
ଶୀତ ଆସିଛି ଦାଣ୍ଡ ପହଁରା, କାଞ୍ଜିଅଁଳା ,
ପିକନିକ୍ ର ମଜା ମଜଲିସ ରେ
ଶୀତ ଆସିଛି ଗରୀବ କୁଡ଼ିଆ ଠାରୁ ଧନୀ ର ଗିଜର
ଆଉ ରୁମ ହିଟର ରେ ।
ଶୀତ ଆସିଛି । ହଁ ଶୀତ ଆସିଛି ବୋଲି
ଏବେ ସହର ସାରା ଚାଲିଛି ତାର ଚର୍ଚ୍ଚା
ସଜେଇ ହେଲାଣି ନୂଆବର୍ଷ କ୍ୟାଲେଣ୍ଡର ପୃଷ୍ଠା
ତା ଆସିବା ପାଇଁ ରାସ୍ତା ହୋଇଗଲାଣି ଫର୍ଚ୍ଚା ।

ଗଙ୍ଗନଗର, ଭୁବନେଶ୍ୱର

ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପୁଞ୍ଜା ଓ ପୁଲକର ନୂତନ ଇଷ୍ତାହାର ୨୦୧୯
-କାକର ଭିଜା-
କବିତା ସମ୍ଭାର

ଶୀତ

ଡ. ଆଲୋକ କୁମାର ରାୟ

ବଢିଭୋ'ରୁ ସଦ୍ୟସ୍ନାତ କୁଳବଧୂର କ୍ଷିପ୍ର ଚାଲିରେ କୁରୁଳେ ଶୀତ..
ସକାଳେ ଘନ କୁହୁଡି ସହ ପୁଚି ଖେଳି ଖେଳି ଆସେ ଶୀତ..
ଗରମ ଚା' କପର ଉଷ୍ମ ପରଶରେ ଅଳ୍ପ ଲାଜେଇଯାଏ ଶୀତ..
ବାଳ ସୂର୍ଯ୍ୟଙ୍କୁ ଦର୍ପଣ ଭାବି ଅଲାଜୁକୀ ମୁହଁ ଦେଖେ ଶୀତ..
ମଧ୍ୟାହ୍ନର ଗରମ ଭାତ ବାଙ୍ଗରେ କେଶ ପଖାଳେ ଶୀତ..
ମୁଣ୍ଡ ଉପରେ ସୂର୍ଯ୍ୟ ଦେଖିଲେ ସନ୍ତର୍ପଣ ରେ ଲୁଚି ଯାଏ ଶୀତ ..
ଅପରାହ୍ନରେ ନୁଆଁଣିଆ ଖରାର ପ୍ରଶସ୍ତ ଛାତିରେ ଘୁମାଏ ଶୀତ..
ଗୋଧୂଳି ଲଗ୍ନରେ ଆମ୍ବ ଡୋଟାରେ ଲୁଚକାଳି ଖେଳେ ଶୀତ..
ସନ୍ଧ୍ୟାରେ ପତଳା କୁହୁଡିରେ ହାଲ୍କାକାନୀ ଧରି ଆସେ ଶୀତ..
ଘର ଅଗଣାରେ ମନ ଖୁସିରେ ଗୀତ ଗାଇ ନାଚେ ଫୁଲେଇ ଶୀତ..
ରାତି ଯେତେ ବଢି ବଢି ଯାଏ ସେତେ ଅବାଧ ହୁଏ ଦୁଷ୍ଟ ଶୀତ..
ବୁଢ଼ାବୁଢ଼ୀଙ୍କ କପାଳରେ ଦୁଃଖ ଲେଖି ତାଙ୍କ ହାଡ ଥରାଏ ଶୀତ..
ନିଶାର୍ଦ୍ଧେ ସ୍ୱାମୀ-ସ୍ତ୍ରୀ ସମ୍ପର୍କରେ ଉନ୍ମାଦନା ଭରେ କନ-କନିଆ ଶୀତ..
ରାତି ବଢିବା ସହ ତାଳ ଦେଇ କାମନରେ ନିଆଁ ଲଗାଏ ନିର୍ଲଜ୍ଜ ଶୀତ..
ବିରହ ଯନ୍ତ୍ରଣାରେ ସନ୍ତପ୍ତ ଗଙ୍ଗଶିଉଳିର ମନ ଭାଙ୍ଗେ ଶୀତ..
ଲମ୍ବା ସପନକୁ ନିଆଣ୍ଠିଆ ରାତିରେ ଭାଗବଣ୍ଟା କରେ ଅବିବେକି ଶୀତ..
ଜାତିଜାତିକା ଫୁଲର ବାସ୍ନା ଚହଟାଏ ପ୍ରତ୍ୟୁଷ ପୂର୍ବରୁ ସୁନ୍ଦରୀ ଶୀତ..
ନଈ-ତରୀ ଶାଗୁଆ କାଳିରେ ଉଷୁମ ଭାବର ଚିଠି ଲେଖି ଗୀତ ଗାଏ ଶୀତ ॥

। କେନ୍ଦ୍ରାପଡା । ମୋ: ୯୪୩୭୦୬୮୦୦୩

ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

-କାକର ଭିଜା-
କବିତା ସମ୍ଭାର

ଶୀତ ର ରାଜୁତି

ସୁଦ୍ରମା ପଣ୍ଡା

ଦିନ ଧୀରେ ଧୀରେ କ୍ଷୀଣ ହୋଇ ଆସି
ଦୀର୍ଘ ହେଲେ ବିଭାବରୀ,
ଘନ କୁହୁଡି ରେ ଲୁଚେ ଯେବେ ଦିଗ
ଶୀତ ରାଜୁତି ଟା ଭାରି ।।୧।।

ଉତ୍ତର ଦିଗରୁ କାଳୁଆ ପବନ
ରହି ରହି ଆସେ ବହି,
ଥବିର ପରାୟେ ସଙ୍କୁଚିତ ଦେହ
ଥରେ ଥୁରୁଥୁରୁ ହୋଇ ।।୨।।

ଶୀତ ସକାଳ ରେ ସୁନାର କିରଣେ
ଅମୃତ ମିଶାଇ ଭାନୁ,
ପରଷି ଦିଅନ୍ତି ଅତି ସରାଗରେ
ପୁଲକିତ ହୁଏ ତନୁ ।। ୩ ।।

ଶିଶିର ରେ ଭିଜା ଭିଜା ତରୁ ଲତା
ସତେ ଅବା ସଦ୍ୟ ସ୍ନାତା
ଟିପି ଟିପି ହୋଇ ପ୍ରତି ପଲ୍ଲବ ରୁ
ଝରଇ ମଣି ମୁକୁତା ।।୪ ।।

ବିନ୍ଦୁ ବିନ୍ଦୁ ସ୍ନିଗ୍ଧ ଶୀକରେ ଶୋଭିତା
ଡାଲିଆ, ଗେଣ୍ଡୁ ମାଳତୀ
ଶୀତଳ ସମୀରେ ଦୋହଲି ନାଚନ୍ତି
ଯେସନେ ନବ ଯୁବତୀ ।।୫ ।।

ସୁନା ଧାନ୍ୟେ ସୁଶୋ-ଭିତ ବସୁମତୀ
ସ୍ୱର୍ଣ୍ଣ ଅଳଙ୍କାର ନାଇ ,
ନବବଧୂ ପରି ଝଲସେ ଷୋରିଷ
ଫୁଲର ଓଢ଼ଣା ଦେଇ ।। ୬ ।।

ମଗୁଶିର ଗୁରୁ- ବାରେ ଲିପି ଘର
ଅରୁଆ ଚାଉଳ ବାଟି,
ଚଷା ବଧୂ ପାଳେ ମାଣବସା ଓଷା
ଆଙ୍କି ଲକ୍ଷ୍ମୀ ପାଦ ଝୋଟି ।।୭ ।।

ପେଡିରୁ ବାହାରେ ରେଜେଇ କମ୍ବଳ
ଶୀତ ବସ୍ତ୍ର ଯେତେ ଯାହା,
ଭାରି ଶୁଖ ଲାଗେ ଜାଡୁଆ ପାଗରେ
ଉହ୍ନେଇରେ ନିଆଁ ପୁଆ ।।୮।।

ଭଳି ଭଳି ପନି ପରିବା ସାଙ୍ଗକୁ
ବିରି ଚକୁଳି ର ମଜା ,
ଶୀତୁଆ ସଞ୍ଜରେ ଧନୁଯାତ୍ରା ବୁଲା
ଦରବାରେ କଂସ ରାଜା ।।୯।।

ସୃଷ୍ଟି ର ନୀୟମ ରଖି ଶୀତ ତୁମେ
ଆସୁ ଥାଅ ପ୍ରତି ବର୍ଷ,
ଶସ୍ୟ ସମ୍ପଦରେ ପୁରୁଥାଉ ଧରା
ଜୀବେ ହୁଅନ୍ତୁ ହରଷ ।।୧୦।।

********** **********

ଭଟଲି ,ବରଗଡ଼

ଶୀତ ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପଦ୍ଧା ଓ ପୁଲକର ନୂତନ ଇଷ୍ତାହାର ୨୦୧୯

-କାକର ଭିଜା-
କବିତା ସମ୍ଭାର

ଶୀତ କୁଆଁରୀ

ଅମିକା ସ୍ୱାଇଁ

ଶୀତ ଆସିଲାଣି ମୁକୁଳା ସଂଜରେ
ତୁନି,ତୁନି ଗାଇ ଗାଥା
ରାତ୍ରିର ଶେଯର ନିରବତା ରେ
ଛୁଇଁ ଯାଏ ସଭି ମଥା ।୧।

କମ୍ବଳ ଚାଦର,ରେଜେଇ ଓ କନ୍ଥା
ଏକାଠି ହେଲେଣି ଆସି
ତାଙ୍କ ପଣତରେ ଉଷୁମ ଟାଣିବେ
ଜନେ ଆନନ୍ଦ ରେ ହସି ।୨।

ଧନୀ ର ଯେ ଲୋଡା କମ୍ବଳ,ରେଜେଇ
ଗରିବ ର ଛିଣ୍ଡା କନ୍ଥା
ଶୀତ ଲୋଡି ଥାଏ କାହା ପାଇଁ କ'ଣ
ଯାହା ପରେ ଯାର ଆସ୍ଥା ।୩।

ଶୀତ ବୁଝେ ନାହିଁ ଧନୀ ଓ ଗରିବ
ଦେଇ ଚାଲେ ତା'ର ଦାନ
ଭଙ୍ଗା କୁଡିଆ ରେ ଗରିବ ଥରିଲେ
ସିଏ କି ବୁଝିବ ମନ !! । ୪।

ପାଟି ଠକ୍ ଠକ୍ ବାଜୁ ଥାଏ ଦାନ୍ତ
ଖୋଜେ ଗରମ ପରଶ
ଭାରି ଭଲ ଲାଗେ ମନ ଓ ଦେହକୁ
ସୂର୍ଯ୍ୟ ତାପ ଅଗ୍ନି ଧାସ ।୫।

ଚମ ଧଡ୍ ଧଡ଼ ବୁଢା ବୁଢ଼ୀ ଆମ
ଚାଲୁଥାନ୍ତି ଥୁରୁ ଥୁରୁ
ନାଲି ଚା'ସାଥେ ଚୁଡ଼ା ଭଜା,ଖଇ ମୁଢ଼ି
ଖାଉ ଥାନ୍ତି କୁରୁ କୁରୁ ।୬।

ଲାଜେଇ ମନେଇ ଶୀତ କୁଆଁରୀ ଲୋ
ଦେଉ ତୁ ମଧୁର କଷ୍ଟ
ଚୁଲି ମୁଣ୍ଡେ ଲାଗେ ଭାରି ତ ମଜା
ମନ ହେଉଥାଏ ଦୁଷ୍ଟ ।୭।

ଏଣ୍ଡୁରି ଚକୁଳି, ମଣ୍ଡା ଓ କାକରା
ଗଇଁଠା ପିଠା, ଓ ମୁଆଁ
କେତେ ଓଷା ବ୍ରତ ସାଥିରେ ଆଣୁ
ସବୁ ଲାଗେ ନୂଆ ନୂଆ ।୮।

ଋତୁ ର ଚକ୍ରରେ ସବୁଜ,ସୁନେଲି
ରୂପ ରଙ୍ଗ ଶୋଭା ଧରି
ସୋରିଷ, ଗେଣ୍ଡୁ ଓ ଧାନର ସମ୍ଭାର
ଆଖି ଲାଖି ଯାଏ ପୁରି ।୯।

ଚାଷୀ ଭାଇ ମନ ଆନନ୍ଦ ରେ ନାଚେ
ଦେଖି ବିଲ ବାଡି କ୍ଷେତ
ବରଷକ ପାଇଁ ସାଇତି ରଖିବ
ଦୂରେଇବ ତନୁ କ୍ଲାନ୍ତ ।୧୦।

ସତରେ, ଶୀତ ତୋ ଅବର୍ଣ୍ଣନୀୟ ଦାନ
ବରଷକୁ ଆସୁ ଥରେ
ତୋର କର୍ମ ଆଉ ପ୍ରକୃତି ର ଧର୍ମ
ଭୁଲି କି ପାରିବେ ନରେ...!! ।।୧୧।।

।। ଭୁବନେଶ୍ୱର ,ଓଡ଼ିଶା ।।

www.hirranmayi.com

ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପଦ୍ଧା ଓ ପୁଲକର ନୂତନ ଇସ୍ତାହାର ୨୦୧୯
-କାକର ଭିଜା-
କବିତା ସମ୍ଭାର

ଶୀତ ଆଗମନେ...

ଅରୁଣ କୁମାର ମହାନ୍ତି



ଶୀତ ଆଗମନେ ହସୁଛି ମୋ ଗାଆଁ
ଧାନ କ୍ଷେତ ଗାଏ ଗୀତ
ଦୂର ପରବତ ଦିଶୁଛି ସୁନ୍ଦର
ଗଗନକୁ କରି ମିତ.....।।

ଧୀରେ ଧୀରେ ବହେ ଶୀତଳ ସମୀର
ପ୍ରଭାତେ ମାଘର ମାସେ
ବଉଳ ଫୁଲର ମହ ମହ ବାସ
ଚହଟଇ ଚଉପାଶେ...।।

ବାଳ ସୁରୁଜର କନକ କିରଣେ
ଶିଶିର ଦିଶୁଛି ମୋତି
ଶୀତ ସକାଳରେ ପକୃତି ର ରୂପ
ଦେଖିଣ ମିଳଇ ତୃପ୍ତି....।।

ରଙ୍ଗ-ବେରଙ୍ଗର ନାନା ଜାତି ଫୁଲ
ଆହାଃ କି ସୁନ୍ଦର ଦିଶେ
ବାଡି ବଗିଚାରେ ପନି-ପରିବା ରେ
ଧରା ଖିଲି ଖିଲି ହସେ....।।

ବୁଢ଼ୀ ମାଆ ମୋର ମାଟି ବାରଣ୍ଡାରେ
ଖରା ପୁଆଁଉଛି ବସି
ଶୀତ ପ୍ରକୋପରେ ଦୁର୍ବଳ ଶରୀର
ଥରୁଥାଏ ଅହନିଶି....।।

ଚଷା ଭାଇ ମନ ହୁଏ ଛନ ଛନ
ଦେଖି ଏ ପାଚିଲା ଧାନ
ଭୁଲିଯାଏ ଦୁଃଖ ଅଭାବ ବିଷାଦ
ବଢ଼ିଯାଏ ତାର ମାନ.....।।

ପ୍ରାଣୀଙ୍କର ମିତ ଅଟେ ପରା ଶୀତ
ହେଉ ପଛେ ଟିକେ କଷ୍ଟ
ଆସୁଥାଉ ଶୀତ ଗାଇ ସୁଖ ଗୀତ
ହୁଅନ୍ତୁ ସର୍ବେ ସନ୍ତୁଷ୍ଟ...।।

ଇଶାଣପୁର,ଯାଜପୁର
ଦୁରଭାଷ:-୭୭୧୫୦୮୧୩୦୮

ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପଦ୍ମା ଓ ପୁଲକର ନୂତନ ଇଷ୍ତାହାର ୨୦୧୯
-କାକର ଭିଜା-
କବିତା ସମ୍ଭାର

ଶୀତ ଲହରୀ

ପ୍ରଶାନ୍ତ କୁମାର ନାଥ

ଧରାରେ ଆସି ଶୀତ ଲହରୀ
ପକେଇ ଅଛି ଡେରା
ଲାଗୁଛି ଭଲ ବାଜିଲେ ଦେହେ
ଶୀତ ସକାଳ ଖରା ॥

ଘାସ ଉପରେ କାକର ପଡି
ଦିଶୁଛି ମୋତି ପରି
ସକାଳ ହେଲେ ବରଷା ସମ
କୁହୁଡି ପଡେ ଝରି ॥

ଫୁଟିଛି ଫୁଲ ନାନା ପ୍ରକାର
ବାସୁଛି ମହମହ
ପାଣିରେ ହାତ ବାଜିଲେ ଥରେ
ଶୀତେଇ ଉଠେ ଦେହ ॥

ପନିପରିବା ମିଳୁଛି ଭଲ
ଶୀତ ଆସିଲା ପରେ
ରାତିଟି ବଡ଼ ଦିନଟି ଛୋଟ
ହେଲାଣି ଧୀରେ ଧୀରେ ॥

ଅଗଣା ଆଗେ କେଡେ ସରାଗେ
ଫୁଟିଛି ଫୁଲ ଗେଣ୍ଡୁ
ଦେହକୁ ହିତ ଲାଗୁଛି ଏବେ
ଖେଳିବା ପାଇଁ ପେଣ୍ଡୁ ॥

ପାକେଇ ଆଈ ଓଠ ଥରୁଛି
ପାରୁନି କଥା କହି
ଚୁଲି ମୁଣ୍ଡରେ ସେକି ହେଉଛି
ଉଷୁମୁ ସ୍ପର୍ଶ ପାଇ ॥

ସ୍ୱେଟର ଟୋପି ଦେହକୁ ଏବେ
ଲାଗୁଛି ଭାରି ହିତ
ସୁଲୁସୁଲିଆ ବହୁଛି ବାଆ
ଗାଉଛି ଶୀତ ଗୀତ ॥

ରେଜେଇ କନ୍ଥା ଖୋଜୁଛି ଦେହ
ରାତି ଆସିଲା ପରେ
ମିଠା ପରଶ ଦେଉଛି ଶୀତ
ସବୁରି ଘରେ ଘରେ ॥

ପଖାଳ କଥା ଭାବିଲେ ଏବେ
ଯାଉଛି ଦେହ ଥରି
ଗରମ ଖାଦ୍ୟ ବରା ପିଆଜି
କରଇ ମନ ଚୋରି ॥

ଧରାରେ ଏବେ ସବୁରି ସାଥେ
ଖେଳେ ଶୀତ ଲହରୀ
ଫୁଲ ଫଳର ସମ୍ଭାର ସାଥେ
ଲାଗେ ଭାରି ସୁନ୍ଦରୀ ॥

ସୁନ୍ଦରପୁର,ଉତ୍ତରକୂଳ ହାଟ,ପ୍ରୀତିପୁର,ଯାଜପୁର-୭୫୫୦୧୩

ଶୀତ ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପଦ୍ଧା ଓ ଫୁଲକର ନୂତନ ଇଷ୍ତାହାର ୨୦୧୯

-କାକର ଭିଜା-
କବିତା ସମ୍ଭାର

ଶୀତ ଆସିଛି

ସୁଦର୍ଶନ ମହାପାତ୍ର

ହେଇ ଦେଖ
ଢଳ ଢଳ କାକର ବିନ୍ଦୁରେ
ଶୀତୁଆ ସକାଳର
ସମ୍ବେଦନା ବୁଝିବାକୁ
କଅଁଳ ସୂର୍ଯ୍ୟର
ମୃଦୁ ଆଲିଙ୍ଗନ ।

ପାହାଡ଼, ଜଙ୍ଗଲ, ଝରଣା
ନଦୀ, ହ୍ରଦ ସବୁଠି
ନୈସର୍ଗିକ ଶୋଭାର ସମ୍ଭାର,
ଶୁଭିଲାଣି ସୁମଧୁର
' କୁହୁ ' ସଙ୍ଗୀତର ସ୍ୱର ।
ଆମ୍ବ ବଉଳର ବାସ୍ନାରେ
ବିମୋହିତ ଏବେ ହଳଦୀବସନ୍ତ
ଖୁସିର ମାଦକତାରେ ବିଭୋର
ସୋରିଷ ଫୁଲର କ୍ଷେତ ।

ଶୀତ ସତେ ଆସିଛି
ଦେହରେ ମନରେ
ଶୀତଳ-ଶାନ୍ତି ର ପ୍ରଲେପ ଟିଏ
ମାଖି୍ ଦେବାକୁ.....
କୋହଲା ପବନ କିଛି
ଉତ୍ତର ଦିଗରୁ ଧରି ।

ଶୀତ ଆସିଛି
ଫିନ୍ ଫିନ୍ ସଫେଦ କୁହୁଡିର
ଚାଦର ଘୋଡ଼େଇ ହୋଇ
ଧଳା ୟୁନିଫର୍ମ ପିନ୍ଧା
ସ୍କୁଲ ପିଲା ପରି ।

ଗୋଧୂଳିର ନାଲିଆ ଓଠରେ
ବିମୁଗ୍ଧ ହସର ଝଲକ
ଚିତ୍ରିତ ଚୁମ୍ବନଟେ ଆଙ୍କିବାକୁ
ଶୀତ ଏବେ ସତେ ଆଗଭର !

କୁଞ୍ଜବିହାରୀ ଲେନ , କଟକ

ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ମୟୀ
ପୁଞ୍ଜା ଓ ପୁଲକର ନୂତନ ଇଷ୍ତାହାର ୨୦୧୯

-କାକର ଭିଜା-
କବିତା ସମ୍ଭାର

ଶୀତ ଯେବେ ଆସେ !!

ବୀଣାପାଣି ରାଏଗୁରୁ

ଶୀତ ଯେବେ ଆସେ,
ମିତଣୀ ରେ ...
ମୋ ଇଲାକା ,
ସାଜେ ସୁନ୍ଦରୀ ନାୟିକା
ରାସ ରସେ ଜୁଡୁବୁଡୁ
ମହମହ ବାସେ ।।

କାକର କାଳିରେ ଲେଖେ
ନାୟକ କୁ ଚିଠି
ବସିଲା ଜାଗାରୁ ଏବେ
ଆସ ତୁମେ ଉଠି
ତୁମ ବିନା ସବୁ ଶୁନା
ଏଠି ଏ ପ୍ରବାସେ ।
ଶୀତ ଯେବେ ଆସେ ।।

ଅନ୍ୟମନା ସେ ନବୀନା -
ମାଟି ଉପକଣ୍ଠେ
ଆହରେ ଶୀତ ର ପ୍ରୀତି,
ଦିଗେ ଦିଗେ ବାଣ୍ଟେ
ପ୍ରେମ ସୁହାଗିନୀ ,
ଗାଏ ଶୀତ ର ରାଗିଣୀ
ଫୁଲେ ଫୁଲେ ହସେ ,
ଶୀତ ଯେବେ ଆସେ।।

ଶୀତ ଆସେ ମିତଣୀ ରେ
ବୟସ ଡାଲାରେ
ପିଏ ଜୀବନ ପୀୟୂଷ
ଯୌବନ ପ୍ୟାଲାରେ

ହଜିଯାଏ ମନ -
କେଉଁ ଅତୃପ୍ତ ତୃପ୍ତି ରେ
ଆପେ ପାଦ ଖସେ ।।

ଦେଲା କିଏ ଏତେ ରଙ୍ଗ
କାକର ରେ ଭରି
କାକର ପ୍ରସବେ ମୁକ୍ତା
ଜୀବନ ଆବୋରି,
ହୋଇଯାନ୍ତି ଏକ -
ସବୁ ସାୟାର - ସାୟରୀ
ପରମ ସନ୍ତୋଷେ ।
ଶୀତ ଯେବେ ଆସେ।।

ମିତଣୀ ରେ ଗୀତ ଗାଏ
ଶୀତ ସାୟନ୍ତନୀ
ଝିରି ଝିରି କାକର ରେ
ପ୍ରେମ ବୁଣି ବୁଣି
ଲେଖେ ମନ ନିରନ୍ତର -
ଆମ୍ ଗପ ଗାଥା
ଜୀବନ ପ୍ରୟାସେ,
ଶୀତ ଯେବେ ଆସେ ।।

ସାଲେପୁର, କଟକ

ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପଦ୍ଧା ଓ ପୁଲକର ନୂତନ ଇଷ୍ତାହାର ୨୦୧୯
-କାକର ଭିଜା-
କବିତା ସମ୍ଭାର

ଶୀତ ସକାଳ

ଜ୍ୟୋତିର୍ମୟୀ ପରିଜା

ମନେପଡ଼େ ମିତ ମୋ ଗାଁଆର ଶୀତ
ପାହାନ୍ତିଆ ପଢା ପାଠ
ମାଆ କହେ ଜାଳି ଉହ୍ମେଇରେ ନିଆଁ
ଶୀତକୁ ନ ଡରି ଉଠ ।

ଘୋଡିଘାଡି ହୋଇ ଲଣ୍ଠନ ଆଗରେ
ଘୋଷା ହୁଏ ଇତିହାସ
ସମୟ ଧାରାରେ ଏଇ ଅତୀତଟା
ଆଜି କରେ ଉପହାସ ।

ଫୁକିଆ ଉଠିଲେ ଖତ ପାଣି ସହ
ଝାଡୁର ଆବାଜ ଆସେ
ବାସି କାମ ସାରି ଜେଜେ ମାଆ ମୋର
ବଢାଭାତ କରି ବସେ ।

ପାଠ ଘୋଷୁ ଘୋଷୁ କେତେବେଳେ ପୁଣି
ମୁଣ୍ଡ ଝୁଙ୍କି ଯାଏ ଆଗେ
ଲଣ୍ଠନରେ ମୁଣ୍ଡ ବାଜିଗଲା ପରେ
ତତଲା ଚିଆଁଟେ ଲାଗେ ।

ରାତି ପାହୁ ପାହୁ କେତେ ନୂଆବୋହୁ
ସକାଳ ଗାଧୁଆ ସାରି
ଫେରି ଆସୁଥାନ୍ତି କାଖେ ଗରା ଧରି
ମୁଣ୍ଡରେ ଓଢ଼ଣା ଟାଣି ।

ବାଡିପଟେ ଥାଏ ଧାନ ଖଳାଟିରେ
ଭରପୁର ଧାନ ବେଣ୍ଟା
ଓଲେଇ ଗାଈଟା ଖାଇ ଦେବ ବୋଲି
ଛଟା ହୋଇଥାଏ କଣ୍ଟା ।

ପଲାମାରି ଶୁଏ ହଳିଆ ସେଠାରେ
ନଡ଼ାରେ ତିଆରି ଘରେ
ଉଷୁମ ଲାଗଇ ନଡାର ବିଛଣା
ଧୂନୀ ଜଳେ ଟିକେ ଦୂରେ ।

ତା ପଛକୁ ଥାଏ ଟୋକୋରୀ ଟୋକୋରୀ
ପିଆଜ ରସୁଣ ଲଙ୍କା
ଭେଣ୍ଡି ବାଇଗଣ ମୂଳା ଓ କୋଶଳା
ଗୋଟିଏ କିଆରୀ ମକା ।

ପୂରୁବ ଛୁଇଁଲେ ନାଲି ସୁରୁଜଟା
ଦାନ୍ତକାଠି ଖଣ୍ଡେ ଧରି
ଶୀତ ଲୁଗା ଫିଙ୍ଗି ଧାଇଁ ଧାଇଁ ଆସୁ
ଗାଡ଼ିଆରେ ବୁଡ଼ ମାରି ।

ଗଡିଆ ପାଣିଟା ଲାଗଇ ଉଷୁମ
ଏତେ ହାଡ଼ ଥରା ଶୀତେ
ବାଂଶ ଉଠୁଥାଏ ଉପରେ ତାହାର
ଦୂରୁ ମନଲୋଭା ଦିଶେ ।

ବଢାଭାତ ବାଢି ସଙ୍ଗେ ଆଳୁବଡି
ସାରୁ ବାଇଗଣ ଦେଇ
ଡାଲି ସିଧା ସଙ୍ଗେ ଭାରି ସୁଆଦିଆ
ମାଆ ଦେଉଥାଏ ଖୋଇ ।

ବାପାଙ୍କର ଥାଏ ଚାହା କେଟଲି ଟା
ଶୀତଦିନେ ବଡ଼ ସାଥି
ଚାହା ପାଇଁ ସିଏ ଡାକ ଛାଡୁଥାନ୍ତି
ପାହୁ ନ ପାହୁଣୁ ରାତି ।

ସ୍କୁଲ ବେଳ ହେଲେ ଧାଆଁନ୍ତି ପିଲାଏ
ବସ୍ତାନି ହାତରେ ଧରି
ହଳ ସହ ଚାଷି ଗାଇ ଗାଇଆଳ
ଛାଡଇ ଗୀତ ଲହରୀ ।

ବଡ଼ ଚଞ୍ଚଳ ମୋ ଗାଁଆର ସକାଳ
ଭୁଲି ନାହିଁ ତାକୁ ଦିନେ
ସହର ସକାଳ ଧାଏଁ ତା ବାଟରେ
ଗାଁଆ ଖୋଜେ ମନେ ମନେ ।

ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯



-କାକର ଭିଜା-
କବିତା ସମ୍ଭାର

ଶୀତ ସନ୍ଧ୍ୟା

ଅନୀତା ପାଣି

ଅଳସୀ ସଞ୍ଜର ଗୋଧୂଳି ଲଗନେ
ଶୀତ ଫେରୁଥାଏ ଆନନ୍ଦ ମଗନେ
ବିହଙ୍ଗ କାକଳି ସାଥେ,
ରୂପେଲି ଜହ୍ନର ରେଶମୀ ଜୋଛନା
ବୁଣି ହୋଇଯାଏ ଆକାଶୁ ଅଗଣା
ସୂର୍ଯ୍ୟମୁଖୀ ଫୁଲ କ୍ଷେତେ ॥

ସ୍ନିଗ୍ଧ ନଦୀ ତୀର କଳକଳ ସୁରେ
ବିମୁଗ୍ଧ କିଆରୀ ସୋରିଷ ଫୁଲରେ
ଅଙ୍କାବଙ୍କା ଗ୍ରାମ ପଥେ,
ଦୂର ପାହାଡର ନୀଳ ବେହରଣ
ପାହାଡି କନ୍ୟାର ସୁଲଳିତ ଗାନ
ଭାସି ଆସୁଥିଲା ଗୀତେ ॥

ନବୀନା ଶେଫାଳୀ ବାସ ଭୁରୁ-ଭୁରୁ
ଲତା ଗହଳକୁ ଶୀତ ଫେରୁ-ଫେରୁ
ତୁଷାର କଣିକା ବିଞ୍ଚେ ,
ପୁରୁବା ପବନେ ମନ ଝୁଲେ ଦୋଳି
ସରଗେ ସୁନ୍ଦର ତାରା ଭେଳି-ଭେଳି
ଆଲୁଅ ଫୁହାର ସିଞ୍ଚେ ॥

କୁହୁକ ସଞ୍ଚର ଦିକ୍ ଦିକ୍ ଦୀପ
ଚଉରା ମୂଳରେ କାମନାର ଧୂପ
ହସି ଉଠଇ ଅଗଣା,
ରୂପସୀ ରାତିର ନୀରବ ପ୍ରହରେ
ସ୍ୱପ୍ନ ଖେଳୁଥାଏ କାକର ଛାତିରେ
ପୁଲକ ଆଣେ ଅଜଣା ॥

ମନ ମତୁଆଲା ଅଭୁଲା ତାଳରେ
ଶୀହରଣ ଭରେ ଅବଶ ପାଦରେ
ଭାଙ୍ଗିଦେଇ ନିରବତା,
ଚମ୍ପକ ଫୁଲର ଚହଲା ନିଶାରେ
ସ୍ୱପ୍ନ ନାୟକର ସ୍ମୃତି ପରଶରେ
ହୃଦେ ଜାଗେ ମାଦକତା ॥

ସାଉଥ୍ ବଲଣ୍ଡା, ତାଳଚେର, ଅନୁଗୋଳ

www.hirranmayi.com

ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପୁଞ୍ଜା ଓ ପୁଲକର ନୂତନ ଇଷ୍ତାହାର ୨୦୧୯
-କାକର ଭିଜା-
କବିତା ସମ୍ଭାର

ଶୁଭଦ ଶୀତ

ରମେଶ ଚନ୍ଦ୍ର ପସାଏତ୍

ଶରଭ ଶୈଳୀରେ ଶୁଭ ଶକୁନରେ ଶୁଭଦ ଶୀତୋପଗତ
ଶିବ ଶାକମ୍ବରୀ ଶୁଭାଦେଶେ ଶତ-ଶଙ୍ଖୋଳେ ଶୀତାଂଶୁ ଶୀତ ॥

ରତ୍ନପ୍ରସବିନୀ ରଞ୍ଜନୀ ରଜନୀ ରସାଙ୍ଗିନୀ ରତିଚ୍ଛନ୍ଦା
ରଜନୀଶ ରସେ ରହି ରହି ରଚେ ରୁଚିରା ରଜନୀଗନ୍ଧା
ସୋରିଷ ସୁମନ ସନ୍ତରେ ସମୀରେ ସୁମନାସେ ସଂସାରର
ସତ୍ତ୍ୱସଂଶୁଦ୍ଧିର ସଂସ୍କାର ସଂଚରେ ସୁଶସ୍ୟ ସାଧୂଦ୍ୟମର ॥

କପାଳୀ-କୁହୁଡି କର୍ପୂର-କାକର କୁହୁକିତ କବିସ୍ୱରେ
କହନ୍ତି କର୍ମୀକୁ କଣ୍ଟକ କାଟିଲେ କୀର୍ତ୍ତି-କସ୍ତୁରୀ କହରେ
ପ୍ରଦୋଷଶୀତଟି ପ୍ରତ୍ୟୁଷେ ପ୍ରବଳ ପ୍ରକାଶଇ ପରତାପ
ପରିଶୀଳନର ପରାର୍ଥପରତା ପରଖେ ପାପାନୁତାପ ॥

ପାଦପରୁ ପତ୍ର ପୃଥ୍ୱୀରେ ପତିତ ପ୍ରାଣ ପ୍ରୟାଣ ପ୍ରଚରେ
ପୁଣି ପଲ୍ଲବିତ ଫଳଫୁଲେ ଫୁଲ୍ଲ ପ୍ରାଣ ପ୍ରଗତି ପଥରେ
ବିଶ୍ୱବକ୍ଷେ ବହୁ ବିନୋଦ ବେଭାର ବିବର୍ତ୍ତନର ବିକାଶ
ବିଶେଷେ ବସୁଧା ବିଚିତ୍ର ବର୍ଣ୍ଣରେ ବନ୍ଦଇ ବିଶ୍ୱବିଶ୍ୱାସ ॥
~~~~~~~~000~~~~~~~~

(ଶରଭ= ହାତୀ ଛୁଆ, ଶଙ୍ଖୋଳେ= ସ୍ୱାଗତ କରେ
ଶୀତାଂଶୁ=ଚନ୍ଦ୍ର , ରଜନୀଶ=ଚନ୍ଦ୍ର)

ନି. ଶରଧା
ସଂସ୍କୃତ ଶିକ୍ଷକ
ନଟବର ଉଚ୍ଚବିଦ୍ୟାଳୟ,କଣ୍ଟେଇକେଲା
ଝାରସୁଗୁଡା, ମୋ :୯୭୭୭୩୯୪୫୫୮
~~~~~~~~

ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପଦ୍ଧା ଓ ପୁଲକର ନୂତନ ଇତ୍ତାହାର ୨୦୧୯
-କାକର ଭିଜା-
କବିତା ସମ୍ଭାର

ଶୀତ ଆସେ

ପ୍ରୀତିନନ୍ଦା ପାଣିଗ୍ରାହୀ

ଶୀତ ଆସେ,-
କାକର ବିନ୍ଧୁରେ
କୁହୁଡି ସିନ୍ଧୁରେ
ସେବତୀ ଫୁଲରେ
ମୋ ଅଗଣା ଗୋଲାପରେ ..
ଶୀତ ଆସେ ବୁଢ଼ୀମାଁର -
ଉଷୁମ କମ୍ବଳରେ
ଜେଜେଙ୍କ ପୁରୁଣା ସାଲରେ ...।।

ଶୀତ ପୁଣି ଆସେ ,-
ଗେହ୍ଲେଇ କୁନି ଝିଅର -
କୁନି କୁନି ଫାଟୁଆ ଗାଲରେ
ମାଁର ମିଠା ଗେଲରେ
ଶୀତ ଆସେ ମୋ ସହର
ଧୂଳିରେ ଧୂଆଁରେ
ରାସ୍ତା କଡ ଧୂଳି-ଧୂସର -
ଗଛର ନିରୀମାଖି ପତ୍ରରେ....।।

ଶୀତ ଆସେ -
ତୁମ କଅଁଳ ପରଶରେ
ମଧୁର ହସରେ
ରହସ୍ୟ ଆଖିରେ
ଶୀତ ପୁଣି ଆସେ
ନିଷ୍ଠୁର ସକାଳରେ
ଆଉ କରୁଣ ସନ୍ଧ୍ୟାରେ
ଦରମଲା ଖବରରେ...।।

ଓଃ ! ଶୀତ ବି ଆସେ-
ହତ୍ୟା ଓ ବଳାତ୍କାରରେ
ଗରମ ଖବରରେ
ମାଁର ଆଖିର ଭୟରେ ଆଉ ଲୁହରେ
କୁଆଁରୀ ଝିଅର
ଆର୍ତ୍ତ ଚିତ୍କାରରେ...

ଶୀତ ପୁଣି ଆସେ-
ଅବଳାର ଚିତା ଜ୍ୱଇରେ
ଅବିଶ୍ୱାସର ପଚାଗନ୍ଧରେ
ତା ଅସହାୟ ଆଖିରେ
ଛାତିର ଅକୁହା ଯନ୍ତ୍ରଣାରେ ।।

ପୁନଶ୍ଚ ଶୀତ ଆସେ-
କୁଆଁରୀ ମନର ନିଆଁରେ
ପ୍ରେମରେ , ପ୍ରଣୟରେ
ସ୍ନେହରେ, ସୋହାଗରେ
ମହୁମାଛିର ଗୁଣୁଗୁଣୁରେ
ଫୁଲର ବାସ୍ନାରେ
ମନ୍ଦିର ଶଙ୍ଖ ଘଣ୍ଟରେ ...
ସବୁଜ ସ୍ମୃତିର ଅମୀୟ ଛନ୍ଦରେ .. ।।

* * *

ସହଯୋଗ ନଗର, ବୁଢାରଜା
ସମ୍ବଲପୁର

ଶୀତ ବିଶେଷାଙ୍କ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପୁଞ୍ଜା ଓ ପୁଲକର ନୂତନ ଇଷ୍ତାହାର ୨୦୧୯

-କାକର ଭିଜା-
କବିତା ସମ୍ଭାର

ଶୀତ କବିତା

ରଶ୍ମୀତା ଦୀକ୍ଷିତ

କବାଟରେ ଠକ ଠକ
କିମ୍ବା କଲିଙ୍ଗ ବେଲ ରେ
ଶବ୍ଦ କରି ଶୀତ କେବେ ଆସେନାହିଁ
ଆସିବା ମଧ୍ୟ କଣ ଦରକାର ଯେ !!!

ଯେତେବେଳେ ଛାତି ଉପରେ
ହାତ ଛନ୍ଦି ହେଇ ଯାଏ ,
ଶାଢ଼ୀର କାନି ଦେହକୁ ଚାରି ଆଡୁ
ବେସି ବେସି ଘୋଡେଇ ଦିଏ ,
ଜାକିଜୁକି ହେଇ ଶୋଇଲା ବେଳେ
ଶେଯରେ ଗୋଲାକାର ମୁଦ୍ରାଟିଏ ରଚିତ ହୁଏ ,
ପାହାନ୍ତା ପ୍ରହର ହେମାଳିଆ ସ୍ୱର୍ଶ
ଯେତେବେଳେ ଦେହ ଉଲୁସାଏ -
ଉଷ୍ଣତାର ଆଲିଙ୍ଗନ ଖୋଜେ
ସେତିକିବେଳେ ଶୀତ ନିଧଡକ
ମୋ ଗାଁ କୁ ଆସିଯାଏ ।

ତୁମ ଗାଁ ଶୀତ ଠାରୁ
ମୋ ଗାଁ ଶୀତ
କମ କି ବେଶୀ ମୁଁ ଜାଣିନି
ତେବେ ମତେ ବୋଧେ ଶୀତ
ଖୁବ ଜୋର ଜାବୁଡି ଧରେ
ତନ୍ମୟ ଭାବରେ ବିଭୋର କରେ
ଆଉ ସେତିକିବେଳେ ତୁମର
ଉଡନ୍ତା ଚୁମ୍ବନ ସବୁ
ଶବ୍ଦ ହୋଇ ପଶି ଆସନ୍ତି
ମୋ ଚାଦର ,କମ୍ବଳ ,ରେଜେଇ ଭିତରକୁ
ଲେଖିଦେଇ ଯାଆନ୍ତି
ମୋ ଦେହ ସାରା ଶୀତର କବିତା
ରାତି ସରିବା ଯାଏ ...
ଆଉ ମୁଁ ତମାମ ବର୍ଷ ଝରୁଥାଏ
କବିତା ର ନଦୀ ହୋଇ
ଆଉ ଏକ ଶୀତ ଆସିବା ଯାଏ ।

॥ ୪୨ ମୌଜା , କଟକ ॥

ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

-କାକର ଭିଜା-
କବିତା ସମ୍ଭାର

ଶୀତ ଗାଉଛି ଗୀତ

ଶ୍ରୀମତୀ ବସନ୍ତ ମିଶ୍ର

ଦୁବ ଘାସ ପରେ ଶିଶିର ନୂପୁର
ପାଦେ ବାନ୍ଧି ନାଚେ ଶୀତ
ଗହୀର ମଥାରେ ସୁନାର ମୁକୁଟ
ପିନ୍ଧି ଗାଉଅଛି ଗୀତ ।୦।

ମାଆ ହାତ ଅଙ୍କା ପଦୁଅଁ ଚିତାରେ
ପାଦ ଥାପି ଆସେ ଥିରି
ତା ହାତ ତିଆରି ମଣ୍ଡା, ଏଣ୍ଡୁରିରେ
ଶରଧା ତାହାର ଭାରି
କନିଅରୀ ରଙ୍ଗ ପାଟ ବେଢି ହୋଇ
ମୋହି ନେଉଅଛି ଚିତ୍ତ ।୧।
ଦୁବ ଘାସ ପରେ .....।

ବସାଇଛି ହାଟ ବାଡି ବଗିଚାରେ
ପିନ୍ଧିକି ଗେଣ୍ଡୁର ମାଳ
ଥୁରୁଥୁରୁ ହୋଇ ବୁଢା ଓ ବୁଢୀଙ୍କ
ପାଇଁ ସାଜିଅଛି କାଳ
ବିତରି ଚାଲିଛି କମଳା ଓ କୋଳି
କହେ ଦେହ ପାଇଁ ହିତ ।୨।
ଦୁବ ଘାସ ପରେ .....।

ଚୋବାଉଛି ମୁଢି, ନଡିଆ , ପିଇକି
ଚା' ମାରୁଅଛି ହାଇ
ହଜୁଛି ସୁନେଲି ସପନେ ରେଜେଇ
କମ୍ବଳ ଭିତରେ ଶୋଇ
ବଇରି ସାଜୁଛି ଛାଇକି ପୁଣି ସେ
ଖରା ସାଥେ ବସେ ମିତ ।୩।
ଦୁବ ଘାସ ପରେ .....।

ମଣିସାହି,ମାଧବନଗର
ଭଦ୍ରକ -୭୫୬୧୮୧

ଶୀତ ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପୁଞ୍ଜା ଓ ପୁଲକର ନୂତନ ଇଷ୍ତାହାର ୨୦୧୯

-କାକର ଭିଜା-
କବିତା ସମ୍ଭାର

ହଁ ତ , ପଏର୍ଚ୍ଚା ଦର୍ପନେ ଫଟିକ୍ ଫଟୁ ବାଗିର୍ । ସୁର୍ତାନିମାନକୁଁ ଜୁଟେଁ ଆନସି ଶୀତ୍ । କନକନି ଜାଡ୍ ସାଙ୍ଗେ ଲପ୍ ଲପି ଖରାର୍ ସୁଆଦ୍ । ଉହ୍ଲେଇ ମହନି, ପୁଷ୍ ପୁନିର ଖଜା, ଆଉ ଡଁଣ୍ଡୁା ନଚାର୍ ମଜା । କେତେ ତହଁକ୍ ଇ ଶୀତର୍ । ଜୁଆନ୍ କେ ଜୋସ୍ ଫି ଥର । ଲେକିନ୍ ନୂଆଁ ନୂଆଁ ତାର ସଜ୍ ବତର୍। ପଁଚକର୍ ବୁଢେଁ ତ କେଭେଁ ମଗଶୀରର୍ ମୁହୁଟା ଥିଁ ଭି ଆଏସି ଶୀତ୍ । ଇ ଥର ଭି ସମଲପୁରୀର୍ ମହନି ସୁରେଁ ଆଇଛେ ଶୀତ୍ ଚଟନିର ଲାଲ୍ ଥିପାନି ଘିଁଚାନେ । ଆଉ ମନ୍ ଉଛଳା ଉଷ୍ମପନେ ନିସ୍ତିଆପନ୍ କେ ସୁଆଁଳିକରି କବି ପ୍ରବାସିନୀ ହୋତାଙ୍କର୍ କଲମ୍ ଧାରେଁ ଆଇଛେ- **କବିତା- " ଆଇଛେ ଶୀତ"**

ସଂଯୋଜକ : କବି ରମେଶ ଚନ୍ଦ୍ର ପସାଏତ୍

ଆଇଛେ ଶୀତ୍

ପ୍ରବାସିନୀ ହୋତା

ଏସୁର୍ ଭି ଆଇଛେ ଶୀତ୍
ଫି' ସନ୍ ବାଗିର୍
କୁହୁଡ଼ିର ପୁରେ ଉଢନା ଉଡ଼ି
ମା'ଘରୁ ବିଦା ହେଇ

ଛାଡ଼ିଆଇଛେ ଛୁଆବେଲର
ସୁର୍ତାନି ସବୁକେ
ଘାସ,ଫୁଲ୍,ପତରର୍ ଦିହେଁ
ବୁନ୍ଦା ବୁନ୍ଦା କାକରର୍ ଲୁହେଁ

ସବୁଥର ତ ଏନ୍ତା ବେଲକେ
ଆଏସି ଶୀତ୍
ଖୁଜିଖୁଜି ଗୁଟେ ଉଷ୍ମପନ୍
ଖୁଜୁଥିସି ତ...
କେଜାନେ ବୁଆ ?-
ପାଏସି କି ନାଇଁ ଯେ...

ସୁରଷୋଫୁଲିଆ ଶାଢ଼ୀର୍
କାନି ଲହରେଇ
ଶୀତ୍ ଖାଲି ନାଇଁ ଆସେ ଯେ,
ସାଙ୍ଗେ ଆନିଥିସି

ଗୁଟେ ଜୁଆନ୍ ତହଁକ୍,
ଦିହେଁ,ମନେ,ଭାବନାଥିଁ ଭରି
କାନଭାସ୍ ଉପରର୍ ଧୁଇଲ୍ ଲେଖେଁ
ଝାରି ଦେଉଥିସି ମନର୍ ସବୁ
ଥକାନ୍ ,ନିସ୍ତିଆପନ୍ କେ
ରାତିର୍ ଶୀତଲ ଛାତି ଭିତରେ ଥାଇ
ତହଁକାଉଥିସି-
ଖୁଜ ,
ଖୁଜ ଗୁଟେ ଭାବର୍
ଏନ୍ତା ଉଷ୍ମୁମ୍ ଆଲିଙ୍ଗନ
ଯେନୁ ପାଉଥିବ ଫୁର୍ତ୍ତିଟେ
ଆଏବା ସକାଲର୍ ସୁରୁଯକେ
ଅଭିବାଦନ୍ କରବାର୍ ଲାଗି

ଠୁଲ' ସାମରଥ୍ , ଦମ୍
ଜୁଟ ଭାବ୍
ଆଏବା ସକାଲକେ
ସାମ୍ନା କରବାର୍ ଲାଗି,
ଭୋଗ୍ କରବାର୍ ଲାଗି...

ଭଟଲି ଛକ, ବରଗଡ଼

ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପୁଞ୍ଜା ଓ ପୁଲକର ନୂତନ ଇଷ୍ତାହାର ୨୦୧୯
-କାକର ଭିଜା-
କବିତା ସମ୍ଭାର

ଶୀତ

କମଳିନୀ ଦେବୀ

ଥିରି ଥିରି ପାଦେ ଆସେ ଶୀତଋତୁ
ଶୀତଳ ପରଶ ନେଇ
ସୃଷ୍ଟି ର ସମସ୍ତ ଜୀବ ପୁଲକିତ
ତା ମଧୁର ଛୁଆଁ ପାଇ ।।

କୁହୁଡି, କାକର ଉପହାର ଘେନି
ଆସିଅଛି ପରା ଶୀତ
ମୃଦୁ ସମୀର ର ପରଶେ ପରାସେ
ବସିବାକୁ ସେ'ତ ମିତ ।।

ଜଡ ଚେତନାର ପ୍ରତି ଟି ସତ୍ତାରେ
ସମଭାବେ ପରିବ୍ୟାପ୍ତ
ମୃଦୁ ମନ୍ଦଗତି ସମୀର ଦୋହଲେ
ସର୍ବେ ହୃନ୍ତି ପୁଲକିତ ।।

ଧାନ କିଆରୀ ତ ସ୍ୱର୍ଣ୍ଣାଭ ଫସଲେ
ହସି ଉଠୁଅଛି ପରା
ଶୀତ ଆଗମନେ ଉଲ୍ଲସିତ ପ୍ରାଣ
ହସେ ସସାଗରା ଧରା ।।

ଯୁଇ, ଯାଇ, ହେନା, ଗେଣ୍ଡୁ ଓ ଟଗର
ଫୁଲେ ସୁ ଶୋଭିତ ମହୀ
ଶୀତର ସ୍ୱାଗତେ ଧରଣୀ ଖଞ୍ଜିଛି
ବିଚିତ୍ର ରଙ୍ଗେ ସଜେଇ।।

ଉଦୟ ଭାନୁଙ୍କ କନକ କିରଣ
ଶରୀର କୁ ଲାଗେ ହିତ
ସବୁଜ ଘାସ ର ଗାଲିଚା ଉପରେ
କାକର ବସିଛି ମିତ ।।

ବନ୍ଧୁ ମିଳନର ପର୍ବ ପାଳନେ
ଚାଲେ ବଣଭୋଜି ମଜା
ଶୀତ ମୁଁ ଆସିଲି, ଶୀତ ମୁଁ ଆସିଛି
ବୋଲି ଉଡାଏ ତ ଧ୍ୱଜା ।।

କେତେ ଫଳ ପୁଷ୍ପ ପ୍ରକୃତିର ଦାନ
ଶୀତଋତୁ ଧରି ଆଶେ
ଶୀତ ଶିହରଣେ ଉଷୁମ ପରଶ
ସଭିଙ୍କର ମନ ତୋଷେ ।।

ଇଉନିଟ୍ -୬ / ଭୁବନେଶ୍ୱର

ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପଦ୍ଧା ଓ ପୁଲକର ନୂତନ ଇସ୍ତାହାର ଶୀ ୨୦୧୯

-କାକର ଭିଜା-
କବିତା ସମ୍ଭାର

ଶୀତ ଆଗତ ମିତ ଜଗତ ହିତେ

ମୁରାରୀ ପ୍ରସାଦ୍ ପଶାଏତ୍

ଶୀ = ଶୀତ ଆଗତ ମିତ.. ଜଗତ ହିତେ = **ତେ**
ଶିରା ପ୍ରଶିରା ନାଚେ ତାର ଇଙ୍ଗିତେ ।
ତ = ତନ,ମନ,ପରାଣ, ପାରେନା ସହି = **ହି**
ତଟସ୍ଥେ ଶୀତ ବସ୍ତ୍ର,ଜାବୋଡି ରହି ।
ଆ = ଆଈ,ଅଜା, ବୟସ୍କ, ରୋଗୀ ପାଇଁ ତ, = **ତ**
ଆଣିଛି ଉହ୍ଲେଇ ପ୍ରୀତି ସ୍ପନ୍ଦିତ ଶୀତ ।
ଗ = ଗଲାଣି ବଢି ବାତ-ପିତ୍ତ ସଂଯୋଗ = **ଗ**
ଗଳା ଧରୁଛି କା'ର ଥାଇ ନିରୋଗ ।
ତ = ତଣ୍ଟିରେ କଫ ଦେଖ କରୁଛି ରାଜ = **ଜ**
ତନୁ ହେଉଛି କ୍ଷୀଣ, ଲାଗୁଛି ଲାଜ ।
ମି = ମିତ ଲୋ ଶୀତବାତ ତୁଷାରପାତ.. = **ତ**
ମିହିର ଅନଳ ପ୍ରଭା ହରେ ଦୁରିତ ।
ତ = ତନେ ମନେ ସୈନିକ ମାଟି ମାଁ ନମି
ତରୁ-ତୃଣ ସହିତେ ଶୀତରେ ଝୁମି । = **ମି**
ଜ = ଜଗେ ସୀମାନ୍ତେ ସୀମା ଆମ ଭାରତ = **ତ**
ଜନମ ଜୀବନ ଧନ୍ୟ ମୋ ପ୍ରଣିପାତ ।
ଗ = ଗର୍ବ ଗୌରବ ସାଧୁ ସନ୍ୟାସୀ ଯାଗ = **ଗ**
ଗଛ ବଲ୍କଳ ବାସେ ସାଧନ୍ତି ଯୋଗ...।
ତ = ତରି,ତାରନ୍ତି ସେହୁ ମିଛ ଦୁନିଆଁ = **ଆ**
ତପ ସାଧନେ ଶୀତ ହୁଏ ଛାନିଆଁ ।
ହି = ହିମ କାକର ବର୍ଷା , କୃଷକ ମିତ = **ତ**
ହିସାବେ କୃଷକର ପାଉଣା ସତ ।
ତେ = ତେଣୁ ଏ ଶୀତ ମିତ,ପ୍ରେମୀ ସ୍ୱଦେଶୀ = **ଶୀ**
ତେଲ ଲୁଣ ସଂସାରେ...ମୋହନ ବଂଶୀ ।

ବଢେଇମୁଣ୍ଡା,ଝାରସୁଗୁଡା/ ମୋ ୮୬୫୮୨୧୮୮୧୫

ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପୁଞ୍ଜା ଓ ମୁକୁଳର ନୂତନ ଇଷ୍ତାହାର ୨୦୧୯

-କାକର ଭିଜା-
କବିତା ସମ୍ଭାର

ନଈ କୂଳେ କୂଳେ ଶୀତ

ପ୍ରତିଭା ପରିଜା

ଧିରେ ଧିରେ ଶୀତ ଆସେ
ନଈ କୂଳେ କୂଳେ
କେରି କେରି ପାଚିଲା ଧାନ ର
କିଆରୀ ଡେଇଁ ଡେଇଁ ,
ସୋରିଷ ଧନିଆ କିଆରୀ ଛୁଇଁ ଛୁଇଁ
ଗୋଛା ଗୋଛା କଟା ଧାନ ର ବିଡ଼ାରେ
ଲୁଚି ଲୁଚି ଖଳା ବାଡ଼ି ରେ
ଡେରା ପକାଏ ,
ଅନ୍ଧାର ଦେଖି ପଶି ଆସେ
ଘର ଭିତର କୁ ,ବନ୍ଦ ଦୁଆର ଝରକା ଡେଇଁ
ଫୁଲବାଣୀ ପାହାଡ଼ି ଶୀତ ପରି ।।

ଭୋରୁ ଭୋରୁ ଫୁଟିଥିବା
ଫୁଲ ର ପାଖୁଡା ରେ ଖୁନ୍ଦି ହେଇଯାଏ
ଟୋପା ଟୋପା କାକର ବିନ୍ଦୁ ହେଇ
କଅଁଳ ପତ୍ର ରେ ମୁକ୍ତା ପରି
ଝଟକି ଉଠୁ ଥାଏ ଶୀତ ର ଶୀତ ପଣିଆ ।।

ବୁଣି ହେଉଥାଏ ରାସ୍ତାରେ ଘାଟ ରେ
ବନ ମୁଲକ ରେ , ଛୁରିଅନା ପେଣ୍ଡା ରେ
ଦୋଳି ଖେଳୁଥାଏ ଶୀତ
କାଠ ଯୋଡି କୂଳେ କୂଳେ ଧାଉଁ ଥାଏ
ଝିରି ଝିରି ଝରୁ ଥାଏ
ବୁଣି ବୁଣି ଶୀତ ର ଚାଦର
ରିଙ୍ଗ ରୋଡ଼ ସାରା
ପବନ ରେ ଉଡୁଥାଏ ଶୀତ ର ପଣତ ।।

ରାସ୍ତା କଡ଼ କେବିନ ରେ ଛକ ଉପରେ
ଚା' କେଟଲି କାଚ ଗ୍ଲାସ
ସଜାଡି ହେଇଯାନ୍ତି
ଭୋଗିବାକୁ ଶୀତ କୁ
ନିଆରା ଢଙ୍ଗ ରେ ।।

ମହଣ ମହଣ ଦୁଃଖ ନେଇ
ଶୀତ ପୁଣି ଖସିଆସେ ଧିରେ
ରିଙ୍ଗ ରୋଡ଼ ତଳ କୁ ତଳକୁ
ପାଲ ଘେରା କୁଡ଼ିଆର
ଗରିବ ବସ୍ତି କୁ ,
ଠକ ଠକ ଥରୁ ଥାଆନ୍ତି ଯେଉଁଠି
ଲୋଚା କୋଚା ଦିହ ସବୁ
ଚମ ଧୁଡୁ ଧୁଡୁ ହାଡ଼ ଦି' ଖଣ୍ଡିକୁ ଜାବୁଡି ଧରି
ମାଗି ଅଣା ଫଟା କନ୍ଥା , ଚିରା ଲୁଗା
କଣ ଆୟତ୍ତ କରି ପାରେ
ଶୀତ ର ଅଦଉତି ??

କୋଠା ଘର ଭିତର କୁ ପଶିବାକୁ
ଭୟକରେ ଶୀତ ସେଠାରେ ମୁରୁକି ହସେ
ସାଲିସ କରେ ସଉକ କରେ
ଭଳି ଭଳି ସାଲ ଶ୍ୱେଟର
ଷ୍ଟଲ ମଫଲର ଭିତରେ
ଫେସନ ଦେଖାଏ
ଗହନ ନିଦ ରେ ଶୋଇଯାଏ
ମଖମଲି ରେଜେଇ ଭିତରେ ।।

ଶୀତ ଧାଉଁ ଥାଏ ପୁଣି
ଧୂଆଁ ଧୂଆଁ କୁହୁଡ଼ିଆ ରାସ୍ତା ରେ
ନାକ କାନ ରୁନ୍ଧି
ଛକ ମାନ ଙ୍କ ରେ ଆସର ଜମାଏ
ଗୁଲିଗପ ଠୋ ଠୋ ହସ ରେ
ଧୂଆଁ ହେଇ ବାହାରି ଯାଏ ସିଗାରେଟ ଧୂଆଁ ପରି
ପାଟି ଭିତରୁ ।।

ଯେତେ ଯାହା କରୁ ପଛେ
ଖୁବ ସୁନ୍ଦର ଜମାଏ ଶୀତ
ପାର୍କ ଭିତରେ ଫୁଲ ବଗିଚାରେ
ସବୁରି ଦୁଆରେ
ସାଇତା ରହେ ସବୁରି ମନ ଫରୁଆ ରେ ।।

ସିଡିଏ କଟକ

ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇତ୍ତାହାର
୨୦୧୯

-କାକର ଭିଜା-
କବିତା ସମ୍ଭାର

ମିତ ବୋଲି ସିନା-
- କହିଲି ତତେ

ସାବିତ୍ରୀ ପୁରୋହିତ

ଶୀତ...
ଏଥର ତୁ କିଛି
ନୂଆ ନେଇ ଆ ॥

ଗୋଇଠି ଫାଟିଛି
ତା' ସହିତ ମନ ବି..
କୋଉ କ୍ରିମ୍....
କୋଉ ଜେଲି
ଲଗେଇବି ଭଲା
କହି ଦେଇ ଯା' ॥

କମ୍ବଳ ଚିରିଛି
କୋଉ ଅମଳର
ଚିରିଛି ବି ହୃଦୟ
ରଫୁ କରା
ଏ ହୃଦୟକୁ
ଟିକେ ସରାଗେ
ସାଉଁଳି ଯା' ॥

ମିତ ବୋଲି ସିନା
କହିଲି ତତେ
କିଏ ଆଉ ସତେ
ଯିବ ପରତେ
ଚାଳ ନାଇଁ କି
ଜାଳ ନାଇଁ
ଗୋଟେ ଗୋଡ଼ ଜାଳି
ଆର ଗୋଡଟିକୁ
ସେକିବି କେତେ ॥

ଆସୁଛୁ ଯଦି ଆ'
ମନା ନାଇଁ
ହେଲେ କିଛି
ନୂଆ ନେଇ ଆ' ॥

॥ସମ୍ବଲପୁର ॥



ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପୁଞ୍ଜା ଓ ପୁଲକର ନୂତନ ଇଷ୍ତାହାର ଶୀ ୨୦୧୯

ଶୀତ ସ୍ମୃତି

ସୁପ୍ରଭା ସାମଲ

ଶୀତ ପାଇଁ ଗୀତଟିଏ ଲେଖିବାକୁ ଭାବୁ ଭାବୁ
ମନେପଡେ ତମ ସାଥେ ବିତିଥିବା -
ଅଭୁଲା ସେ ପିଲାଦିନ ସ୍ମୃତି....
ଗାଆଁ ଦାଣ୍ଡେ ଧୂଳିଘର, ନିଆଁପୁଆଁ,
ମିଛି ମିଛି ବାହାଘର, ବର କନ୍ୟା,
ବୋହୁ ଚୋରୀ ଗୀତି ।।

କୁହୁଡିର ଚାଦରକୁ ମଥାରେ ଓଢଣୀ କରି
ହସୁଥିବା ଧରଣୀ ମାଆର କୋଳେ ଉଇଁ ଆସେ ସକାଳର କଅଁଳ ସୁରୁଜ.....
ଘାସ ଫୁଲ ଓଠ ଧାରେ କାକରର ମୋତି ସବୁ ଚିକିମିକି କରୁଥାଏ
ସତେ କି ବା' ବର୍ଣ୍ଣବିଭା ଇନ୍ଦ୍ରଧନୁ ରଙ୍ଗର ମୁରୁଜ ।।

ପାହାଡ଼ର ପାଦ ଦେଶେ ଭାରି ଭଲ ଲାଗୁଥିବା
ଆମ ସେଇ ଛୋଟ ଗାଆଁ , ନାନା ଜାତି ଫୁଲ ମେଳେ -
ପ୍ରକୃତିକ ସୁଷମାରେ ଅପୂର୍ବ ସମ୍ଭାର....
ପାହାଡ଼ର ମଥା ପରେ ପ୍ରଭାତର ସୂର୍ଯ୍ୟୋଦୟ,
ଗୋଧୂଳିରେ ଅସ୍ତସୂର୍ଯ୍ୟ,
ତା ସାଥିରେ ଝରଣାର ସୁମଧୁର ସ୍ୱର ।।

ଦୂର ନଈ ପଠା ପରେ
ଦୀଗନ୍ତ ବିସ୍ତାରି ସେଇ ସୁନାରଙ୍ଗୀ ପାଚିଲା ଧାନବିଲ
ସାଥେ ସୋରିଷ ଓ ସୂର୍ଯ୍ୟମୁଖୀ କ୍ଷେତ....
ଥରୁଟିଏ ଛୁଇଁଦେଲେ ଫୁଲର ପାଖୁଡା -
ଆମ ଦୁଇ ହୃଦୟରେ ଭରିଯାଏ -
ଅଜଣା ପୁଲକ ଆଉ ପ୍ରୀତିର ସଙ୍ଗୀତ ।

ଆଜି ବି ତ ଗଣ୍ଡୁ ଫୁଲ କଅଁଳ ଓଠରେ -
ଶୀତ ଯେବେ ଲେଖିଦିଏ କାକର କବିତା..
ବହୁଥାଏ ଶୀତଳ ସମୀର... ତମ କଥା ମନେପଡେ ବେଶୀ....
କୁହୁଡିର ଚାଦରରେ ଯେତେବେଳେ ଲୁଚକାଳି ଖେଳୁଥାଏ ଶୀତ,
ମୁଁ କିନ୍ତୁ ଗୋପନରେ ଝୁରିହୁଏ ଶୀତ ସ୍ମୃତି ଏଠି ଦିବା ନିଶି ।

କୋଠପଦା,ମାହାଙ୍ଗା, କଟକ



ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପୁଞ୍ଜା ଓ ପୁଲକର ନୂତନ ଇଷ୍ତାହାର ୨୦୧୯
-କାକର ଭିଜା-
କବିତା ସମ୍ଭାର

ଏବେର ଶୀତ କେବେ ମଧୁ ବସନ୍ତ

ପଙ୍କଜିନୀ ଉପାଧ୍ୟାୟ

ଶୁଣିଛି ଜେଜେଙ୍କୁ ପଢିଛି ମଧୁଙ୍କୁ
ପଢିଛି କୋଇଲି ଗୀତ
ଅନୁଭବ ସିକ୍ତ ସେହି ଭିଜା ଶୀତ
ଭିଜା ଭିଜା ତା ଅତୀତ।

ଦେହ ଥରଥର ମନ ଜରଜର
ଓଠ ହୁଏ ଥରଥର
ଓଠର ଶବଦ ଓଠେ ଅଟକଇ
ପଡେନାହିଁ ଝରଝର।

ନିରବ ସମୟ ତୁମ ନିର୍ଦ୍ଦେଶରେ
ଗାଉଥାଏ ଶୀତ ଗୀତ
କୁକୁଡି ପଖଳା ପ୍ରଭାତର ବେଳା
ହୋଇଥାଏ ପୁଲକିତ ।

ଦୁବର ଉପରେ କି ଶୋଭା ସତରେ
ମୁକ୍ତାର ହୁଅଇ ଭ୍ରମ
ଆଖି ଲାଖିଯାଏ ହାତ ଛୁଉଁଥାଏ
ସତେ କେଡେ ଅନୁପମ।

ବଦଳା ସମୟ ବଦଳା ତା'ରୂପ
ଶୀତାର୍ତ୍ତର ନାହିଁ ବାତ
ସଦା ନାହିଁ ଶୀତ କେବେ ଉଷ୍ମ ସତ
କେବେ ମଳୟର ଗୀତ।

ଲଘୁଚାପ ବଳେ ବରଷା ଉତୁରେ
ଯାଏ ଝରଝର ହୋଇ
ପବନ ବି ବହେ ଝଡ ରୂପ ନିଏ
ଶୀତ ଯାଏରେ ଉଭେଇ।

କାହିଁ ସେହି ଶୀତ ବର୍ଷା ଓ ବସନ୍ତ
ବୈଶାଖୀର ତୀବ୍ର ଝଡ
ସମୟର ନାହିଁ ସିମୀତ ସେ ରେଖା
ସବୁ ଏବେ ଗଡବଡ।

ତଥାପି ଶୀତକୁ ଅନୁଭବ କରେ
ଯେବେ ଆସେ ମୋର ଘରେ
ଶୀତର ବସ୍ତ୍ରରେ ଘୋଡିଘାଡି ହୋଇ
ନାଚଇ ପୁଲକ ଭରେ।

ଶୀତ ଆସିଗଲେ ମୋ ମନ ମୁକୁରେ
ଆଙ୍କେ କା'ର ପ୍ରତିଛବି
ଆନନ୍ଦ ଅଧୀର ସର୍ବାଙ୍ଗ ଶରୀର
ହୋଇଯାଏ ଗୋଟେ କବି।

ସମୟ ତାଳରେ ଅଙ୍ଗୁଳି ଟିପରେ
ଲେଖେ ଶୀତ ପାଇଁ ଗୀତ
ଉନ୍ମାଦନା ଭରେ ପୁଲକ ଚିତ୍ତରେ
ଖୋଜୁଥାଏ ତୋତେ ମିତ।

ଅନେକ ଫୁଲର ବାସ୍ନା ମହକରେ
ବାସ୍ନାମୟ ମୋ ଅଗଣା
ଶୀତ ସାଥେ ମୋର ବଡ ପ୍ରୀତି ବୋଲି
ତୋତେ ସତେ କି ଅଜଣା ?

ଆସିଛୁ ଆସିବୁ କ୍ଷଣେ ପାଇଁ ହେଉ
ଗାଇବୁ ତୁ ମଧୁଗୀତି
ଛୁଇଁ ଛୁଇଁ ଯିବୁ ସବୁ ସଜୀବରେ
କାହାକୁ ନ ଦେବୁ ଭୀତି।

ଯାଜପୁର

ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯

-କାକର ଭିଜା-
କବିତା ସମ୍ଭାର

ଆଶିଷ ଭଣ୍ଡାର ଶୀତ

ତ୍ରିଲୋଚନ ପଣ୍ଡା

ଶ୍ୟାମ ସୁଦାମା ମଧୁମଙ୍ଗଳଙ୍କ ସଂପର୍କ ପରି
ଶରତ ହେମନ୍ତ ଓ ଶୀତ
ଗୋପରୁ ଦ୍ୱାରକା, ଆଶ୍ୱିନରୁ ମାଘ
ମାର୍ଗ ଦୀର୍ଘ ଓ ପ୍ରଶସ୍ତ
ଯୁଗେ ଯୁଗେ ରୂପ ଭିନ୍ନ, ଅଙ୍ଗ ଏକ ॥
ନଦୀ ନାଳ ଗିରି ଗାଈଗୋଷ୍ଠେ
ଗୋପାଳ ଗୋପାଙ୍ଗନା ନୟନ ପଟଳେ
କୁହୁଡିର ମାୟା ଭରି
ଯାବତ ଦୁଷ୍ଟାମୀ
ଭିତରେ ଭିତରେ କିନ୍ତୁ
ବନ୍ଧୁପ୍ରାଣ ଶୀତଳ ଚାଦର ତଳେ
ଯୁଗ ଯୁଗ ବ୍ୟାପି ପାଗଳାମୀ ॥

ଗୋପରେ ଗ୍ରୀଷ୍ମ ଆସେ ପୂତନା ତନୁରେ
ଧୂଳି ଝଡ ଖଣ୍ଡିଆ ଭୂତର ଖେଳ
ଅଘା, ବକା, ଶକଟା ରୂପରେ ;
ବ୍ରଜରେ ବର୍ଷା ଆସେ ବଜ୍ର ବିଜୁଳି ଧରି
ଗୋବର୍ଦ୍ଧନ ଗିରି ଶିରେ ,
ରାଶି ରାଶି ଘନଘୋର ଅଶକୁନ
ଶାନ୍ତ କାନ୍ତ କମନୀୟ ହୋଇଯାଏ
ଶୀତକାଳ ଧବଳ ତୁଷାର ପରି
ଶ୍ୟାମଘନ ମନ୍ଦହସ ଛୋଟିଆ ଛିଟାରେ ॥

ଶୀତ ଆସେ ସାରା ରାଇଜରେ
ସନ୍ୟାସ ସମ୍ଭାର ଧରି
ଚିତ୍ତ ଚଞ୍ଚଳକାରୀ ଅନ୍ନଚିନ୍ତା ଦୂର କରି
ନିଦାଘ ନିପୀଡିତ ବର୍ଷା କ୍ଲାନ୍ତ ସଂସାରୀ ପାଇଁ
ଆନନ୍ଦର ସନ୍ଦେଶ ନେଇ
ସୁଖାସନେ ଏକାନ୍ତରେ ବସିବାର
ବିକ୍ଷିପ୍ତ ଭାବନାରେ ଘର୍ମାକ୍ତ ନ ହେବାର
ହଂସ ସାଧନାରେ ପ୍ରବୃତ୍ତ ହେବାର
ସକଳ ସୁଯୋଗ ଦେଇ ॥

ଅସୀମ ଆଶିଷର ଭଣ୍ଡାର ଶୀତ,
ହିମାଳୟ ହେଉ ଅବା କଇଳାସ
ମାନବ ମନରେ ଉଜ୍ଜୀବିତ କରେ
ଈଶ୍ୱର ଈଶ୍ୱରୀ ହେବାର ଉଚ୍ଛ୍ୱାସ ॥

ଯୋଗାଯୋଗ ... ୯୪୩୯୧୯୭୫୬୦

ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇତ୍ତାହାର
୨୦୧୯

-କାକର ଭିଜା-
କବିତା ସମ୍ଭାର

ଆମ ଗାଆଁ ରେ ଶୀତ

ସୁଷମା ପରିଜା

ଧୀରେ ଧୀରେ ଆସେ ଶୀତ ମାଉସୀ
ଭରା ଧାନ ବିଲ ଭିତରେ ପଶି
ଦୁବ ଘାସ ଗାଲିଚା ବାଡି ପଟେ
ଶିଶିର ମୁକ୍ତାରେ ହସ ଚହଟେ ।।

ଆକାଶରେ ଦିଶେ ନିର୍ମଳ ଜହ୍ନ
ଦେଖି ହସୁଥାଏ କଇଁର ମନ
କାଚ କେନ୍ଦୁ ପାଣି ପଦ୍ମରେ ଭରି
କେଡେ ଶୋଭା ଦିଶେ ଗାଁଆ ପୋଖରୀ ।।

ହଳଦୀ ଶାଢୀ ସୋରିଷ କିଆରୀ
ଝୁଲି ଝୁଲି ଖେଳେ ଚକା ଭଉଁରୀ
କୋବି, ମୂଳା,ବିନ୍ ଧନିଆ ପତ୍ର
ସୁନ୍ଦର ଶାଗୁଆ ରଙ୍ଗର ଛତ୍ର ।।

ଶାଗ ପଟାଳିର ନାଲିଆ ରଙ୍ଗ
ନାଲି ଟମାଟର ଦେଖାଏ ଢଙ୍ଗ
ମୁହଁକୁ ବତର ମୁଢି ମିକ୍ଚର
ସାଉଁଟିଛି ମୁଁ ଯେ ସ୍ମୃତି ସୁନ୍ଦର ।।

ଖଳା ଲିପିଲାଣି ସଜନୀ ଆଈ
ଗୋବରରେ ନାଲି ମାଟି ମିଶାଇ
ଆଉ କେଇ ଦିନେ ହଳା ଆସିବ
ଗଦା ହୋଇ ସେଠି ବେଙ୍ଗଳା ହେବ ।।

ମାଣବସା ପାଇଁ ଘର ଦୁଆର
ଝଡା ଝଡି ହୋଇ ସଫା ସୁତର
କାନ୍ଥ ବାଡ ସାରା ଚିତା ଝୋଟିର
ଅଗଣାରେ ଲକ୍ଷ୍ମୀପାଦ ସୁନ୍ଦର ।।

ଖଟୁଲିରେ ନୂଆ ଧାନର ମାଣ,
ନୂଆ ଚାଉଳରେ ମଣ୍ଡା ନିର୍ମାଣ
ମହାଲକ୍ଷ୍ମୀ ପାଖେ ଭୋଗ ବର୍ଦ୍ଧନ
ମାଆ କରୁଣାରୁ ବଢିବ ଧନ ।।

ଗାଆଁ ମୁଣ୍ଡରେ ଗଉରାଅଜା
ଏଇ ଶୀତ ଋତୁ ତା' ଲାଗି ସଜା
ସହଜେ ତା' ଘର ଭଙ୍ଗା ଚାଳିଆ
ଛପର ଅଭାବୁ ପାଣି ଘଳିଆ ।।

ବୁଢାର ଧଇଁ କୁ ବୁଢୀର ବାତ
ଯମରାଜ ଭଳି ଲାଗଇ ଶୀତ
ଘୋଡେଇ ହେବାକୁ କମ୍ବଳ ନାହିଁ
ରାତି ସାରା ଚୁଲ୍ଲୀ ନିଆଁ ପୁହାଁଇ ।।

ଛୋଟ ବଡ ମିଶି ମେଳା ଉତ୍ସବେ
ବଣଭୋଜି ମଜା ମନାନ୍ତି ସର୍ବେ
ଦୁଃଖସୁଖ ମଧ୍ୟେ ସୁନ୍ଦରୀ ଶୀତ
କରଇ ଅପାର ଜଗତ ହିତ ।।

ଶାରଳା ଭବନ / ପୋତାପୋଖରୀ /ନୂଆବଜାର / କଟକ

ଶୀତ ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପଞ୍ଚା ଓ ପୁଲକର ନୂତନ ଇସ୍ତାହାର ୨୦୧୯

-କାକର ଭିଜା-
କବିତା ସମ୍ଭାର

ଶୀତ ଆସିଛି

ପଦ୍ମିନୀ ଦାଶ ମହାପାତ୍ର

ଶୀତ ଆସିଛି
କେତେ ସଜବାଜ ହେଇ
ଫୁଲ ଓଠରେ ହସିହସି..
ପାହାଡ ସେପଟୁ ଧୀର ବାଆର ସୁରେସୁରେ... ନାଚିନାଚି..

ଶୀତ ଆସିଛି
ଝରକା ସେ'ପାଖର ଘାସ ଗାଲିଚାରେ ..
ଗୋଲାପ ଫୁଲ ପାଖୁଡାରେ..
ସୋରିଷ ଫୁଲ ଅଳସ ଭାଙ୍ଗୁଥିବା ଗହଳ କିଆରିରେ ..

ଶୀତ ଆସିଛି
କଅଁଳ ସ୍ୱପ୍ନ ନେଇ
କଳସୀ କାଖେଇ ଆସୁଥିବା ରୂପସୀର -
ପାହାନ୍ତିଆ ନଈପଠାରେ..

ଶୀତ ଆସିଛି
ଫୁଟପାଥରେ ଶୋଇଥିବା ଭିକାରୀର ଫୁଙ୍ଗୁଳା ଦେହରେ
ମାଆ ଢାଙ୍କୁଥିବା ପଣତକାନି ରେ
ବୁଢୀମା'ର ସଜାଡୁଥିବା ଉହ୍ମେଇରେ..

ଶୀତ ଆସିଛି
ସ୍ୱପ୍ନରେ ପ୍ରେୟସୀର ଗଭା ସଜାଉଥିବା ପ୍ରେମିକର ହାତରେ
ନିସ୍ତବ୍ଧ ଜ୍ୟୋସ୍ନା ରାତିରେ ପହର ଗଣୁଥିବା ପ୍ରତୀକ୍ଷିତା ପ୍ରେମିକାର ଆଖିରେ

ଶୀତ ଲୋ ତୁ ଆସି ବିଛାଉଛୁ ବାରମ୍ବାର....
ପ୍ରତି ଥର ସ୍ମୃତି ସହ ଖରାର ପୁଣ୍ୟ ପସରା
ପ୍ରକୃତିକୁ ସାଜି .. କରୁଛୁ ତୁ...
ରୁଚିରା.. ମଧୁରା .. ପ୍ରେମ ଝରା ....

- ଗୁରୁସାହି, ଦେବଗଡ -

ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର
୨୦୧୯
-କାକର ଭିଜା-
କବିତା ସମ୍ଭାର

ଶୀତ ତମେ ଆସ

ପ୍ରିୟଦର୍ଶିନୀ ମହାରଣା

ଛାତିଏ ବେଦନାର ଥରିଲା ପଣରେ ମହକି ଯାଉଛି କ୍ଷିତି ,
ଗୁମୁରି ଉଠୁଛି ତା ପାରିଲାପଣ ।
ଏବେ ଏବେ ଘୁମନ୍ତ କୁହୁଡିଆ ସ୍ୱପ୍ନ ରେ
ଆକାଶ ସାଙ୍ଗରେ ତାର ଅଙ୍ଗୀକାର ।
ଘାସ ସଜାଇଛି ଆଶା ଦର୍ପଣ
ଭରସାର ଇନ୍ଦ୍ରଧନୁରେ ଉଛୁଳୁଛି ଖରା ।

ଜୀବନ ତ ଏମିତି ଯନ୍ତ୍ରଣାରେ ...
ମଧୁ-ଶେଯ ପାରେ, ଟିକିଏ ଖରା ପାଇଁ ଢୋକିନିଏ ସବୁ କୋହ ।
ସବୁଜିମାକୁ ଲୁଟି ନେବାକୁ ଏଠି ହଳହଳ ଆଖି ,
ଧୂଳି ଧୁଆଁ କମାଣରେ ହୁଏ ଭାବ ଦିଆନିଆ ।

ଶୀତ ତମେ ଆସ
ମୁଲାୟମ ଆବେଗରେ କୋଳେଇନିଅ ନୀରବ ଅଭିସାର,
ଗଦେଇ ହୁଅ କାହା ମନ ଝରକାର ଥାକରେ ..।
ଉତୁରିପଡୁ ତୁମ ଅନ୍ତରଙ୍ଗତା
କାହା ଅଭିମାନର ଆଲୋଡନରେ ..।
କିଆରୀ କିଆରୀ ଖୁସି ଚହଟିଯାଉ ପ୍ରୀତି ଖଳାରେ
ମନ ଅଗଣାରେ ଉକୁଟିଯାଉ
ଜହ୍ନର ଝୋଟି
ନଈର ଗହିରିଆ ଛାତିରେ ଉଲ୍ଲୁସି ଉଠୁ ଚାନ୍ଦିନୀର ମାୟା ।

ଶୀତ, ତୁମେ ଆସ
ମମତାମୟୀ ପଣତର ନାନାବାୟା ଗୀତ ରେ,
କି କେଉଁ କଳାବତୀ ର ପରସ୍ତ ପରସ୍ତ ସୁନା ନିଦରେ ...।

। ବାଲୁଗାଁ ,ଓଡିଶା ।

ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପୁଞ୍ଜା ଓ ପୁଲକର ନୂତନ ଇଷ୍ତାହାର ୨୦୧୯
-କାକର ଭିଜା-
କବିତା ସମ୍ଭାର

ଏକ ଶୀତୁଆ ସକାଳ

ବାଉରିବନ୍ଧୁ ଲେଙ୍କା

ଶୀତୁଆ ସକାଳ ଘନ କୁହିଡିଟା
ଚାରିଆଡେ ଅଛି ଛାଇ,
ପୁରୁବ ଦିଗରୁ ସୁରୁଜ କିରଣ
ଟିକିଏ ବି ପଡୁନାହିଁ ॥

ଉତ୍ତର ଦିଗରୁ ଶୀତୁଆ ପବନ
ବହେ ସୁଲୁ ସୁଲୁ ହୋଇ
ଥରିଯାଏ ଦେହ ବସନ୍ତି ସରବେ
ଚଦର ଘୋଡେଇ ହୋଇ ॥

ବାଡିପଟ ଆମ୍ବଗଛ ମୂଳେ ଯହିଁ
ପଡେ ସକାଳୁଆ ଖରା,
ସାଇ-ପିଲା ସବୁ ମେଳି ହୋଇ ତହିଁ
କରନ୍ତି କେତେ ନଖରା ॥

ଶୁଖିଲା ପତର କାଠି କୁଟା ସବୁ
ଗୋଟେଇ ଗାଟେଇ ଆଣି,
ନିଆଁ ପୁଇଁବାକୁ ଘେରିହୋଇ ବସି
ଲଗାନ୍ତି ସେଠାରେ ଧୁନି ॥

ଚାଷୀଭାଇ ତାର କରେନି ଖାତର
ଖରା କି ଶୀତ , କାକର
ଦାଆ ଖଣ୍ଡେ ଧରି ଧାନ କାଟିବାକୁ
ଯାଏ ହୋଇ ତରତର ॥

ବୋହୂ ଭୁଆସୁଣୀ ଶୀତକୁ ନମାନି
ସକାଳୁ ନକରି ମଠ
ବାସିକାମ ସାରି ଯାଆନ୍ତି ବାହାରି
ସଅଳ ଗାଧୁଆ ତୁଠ ॥

ଶୀତେ ଥର ଥର ବୁଢା ବୁଢୀଙ୍କର
ଏଦିନେ ବହୁତ କଷ୍ଟ
ଯେ ନପାରେ ସହି ଆତ୍ମାପକ୍ଷୀ ତା'ର
ଉଡିଯାଏ ଛାଡି ଘଟ ॥

କୁହୁଡି ହଟଇ ଖରା ଚହଟଇ
ଆକାଶେ ଦିଶେ ସୁରୁଜ
ଯେ ଯାହା କାମରେ ଯିବା ପାଇଁ
ଉଠି ବାହାରନ୍ତି ହୋଇ ସଜ ॥

****

ଭୁବନେଶ୍ୱର,
ମୋ : ୯୮୫୩୫୩୫୮୪୪

ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପୁଞ୍ଜା ଓ ପୁଲକର ନୂତନ ଇଷ୍ତାହାର ୨୦୧୯
-କାକର ଭିଜା-
କବିତା ସମ୍ଭାର

ଅଭିସାରିକା ଶୀତ

ତାପ୍ତିମୟୀ ପଣ୍ଡା ମିଶ୍ର

ଧୋବ ଫରଫର ଚଦର ଘୋଡାଇ
ଜ୍ୟୋର୍ତିମୟୀ ମାଁ ଶୋଇଛି
ଲାଗୁଛି ଯେମିତି ଶ୍ୱେତ ସିନ୍ଧୁ ଧାର
ପାଦକୁ ତାର ଚୁମୁଛି ।।

ଗୀତ ଗାଇ ଶୀତ ନର୍ତ୍ତନେ ମୋହିତ
କେତେ ରଙ୍ଗ ଦେଖାଉଛି
ଫୁଲେ ଫୁଲେ ଫୁଲି ପାଦପ ପତରେ
ସ୍ନିଗ୍ଧ ମୋତି ବିଛୁରିଛି ।।

କଅଁଳ ଦେହରେ ସୁସ୍ନିଗ୍ଧ ଶିଶିର
ମୁକ୍ତା ପରି ଝଟକୁଛି
ଦେଖିଲେ ଲାଗୁଛି ପ୍ରାଚୀ ନଦୀ ତଟୁ
ନବ ଆଭା ଉକୁଟୁଛି ।।

କୁସୁମ ସୁଗନ୍ଧେ ଗଗନେ ପବନେ
ମନ ପ୍ରାଣକୁ ହରୁଛି
ପାଷାଣ ହୃଦୟ ତନ୍ତ୍ରୀକୁ ସ୍ୱର୍ଶୀ
ଆତ୍ମୀୟତା ଝରୁଅଛି ।।

ନବୀନ ଛନ୍ଦରେ ଶୀତୁଆ ପବନ
ଅନ୍ତର ଚିରି ପଶୁଛି
ହଲାଇ ଦେଉଛି ପଞ୍ଜରା ହାଡକୁ
ଅଗ୍ନି ସାନିଧ ଖୋଜୁଛି ।।

ଆଶାର ଦର୍ପଣେ ପ୍ରୀତି ଶେଯ ପାରି
ଅଭିସାରିକା ସାଜିଛି
ଅଭିମାନିନୀ ସେ ମନ ଅଗଣାରେ
ଚାନ୍ଦିନୀ ସାଜି ବସିଛି ।।

ମନ ପକ୍ଷୀ ଦେଖ ଅଳସ ଭାଙ୍ଗିଣ
କଳସୀ କାଖେ ଧରିଛି
ନବବଧୂ ପରି ଝୋଟି ଚିତାଦେଇ
ଭକ୍ତିରେ ଲକ୍ଷ୍ମୀ ପୂଜୁଛି ।।

ଲୁଚକାଳି ଖେଳେ ଶୀତ -ସ୍ମୃତି ରାଜି
ପୌଷ ପୂର୍ଣ୍ଣିମା ଆସୁଛି
ପବନେ ଭାସୁଛି 'ଆରିସା' ର ବାସ୍ନା
ଛେରିଆ ଡାକ ଶୁଭୁଛି ।।

ଗାଧୁଆ ତୁଠ ତା ନୀରବ ନିଶ୍ଚଳ
କେତେ ଖାଁ ଖାଁ ଲାଗୁଅଛି
ପାକୁଆ ପାଟିତା ଖନି ମାରୁଅଛି
ବୁଢିମାଁ ଘାଟ ଜଗିଛି ।।

ଲୁଚି ଲୁଚି ଲାଜେ ଶୀତ ସୁକୁମାରୀ
ବସନ୍ତକୁ ଖୋଜୁଅଛି
ଠିକଣା ଜାଗାରେ ବସନ୍ତ ନାହିଁ ତ
ଅଭିସାରିକା କାନ୍ଦୁଛି ।।

ମେଲଛାମୁଣ୍ଡା, ବରଗଡ

ଶୀତ ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହରଣ୍ମୟୀ

ପଦ୍ଧା ଓ ପୁଲକର ନୂତନ ଇସ୍ତାହାର ୨୦୧୯

-କାକର ଭିଜା-
କବିତା ସମ୍ଭାର

କବି ଦମ୍ପତି - ଶ୍ରୀମତୀ ପ୍ରଣତି ଆଚାର୍ଯ୍ୟ ମିଶ୍ର ଏବଂ ଶ୍ରୀ ଲଳିତ ମୋହନ ମିଶ୍ର ଙ୍କ ସୃଜନ ସୃଷ୍ଟିରେ ଅଙ୍ଗୀକାର ହୋଇଛି "ଶୀତ ରେ ସମ୍ପର୍କ "

ଶିଶିର ରାତ୍ରି

ଶ୍ରୀମତୀ ପ୍ରଣତି ଆଚାର୍ଯ୍ୟ ମିଶ୍ର

ଆନନ୍ଦର କିଛି ମୁକ୍ତା ବିନ୍ଦୁ ଧରି
ଛପିଛପି ଆସେ ଶିଶିର ରାତ୍ରି,
ଭିଜା କାକର ଘାସ ଗାଲିଚାରେ
ପାଦ ଥାପି ଥାପି ଆସେ ନିଶାର୍ଦ୍ଧରେ ।।

ଚୁପ୍ ଚାପ୍ କିଟି-ମିଟି ରାତ୍ରିରେ
ହଠାତ୍ ଇଚ୍ଛା ହୁଏ
ଗାଇବାକୁ ମିଠା ଗୀତ,
ସତରେ ହେଉ ବା ସ୍ୱପ୍ନରେ
ଭରିଯାଏ ମୋ ଜୀବନ -
ସୁଗନ୍ଧିତ ଫୁଲ ମହକରେ ।।

ମୃଦୁ ସ୍ପନ୍ଦନେ ତୁମ ଓଠ
ଲାଜ ସ୍ପନ୍ଦନେ ମୋର ଓଠ
ଛୁଇଁ ଯାଏ ସହସ୍ରବାର
ଆଃ କି ପୁଲକ ମୁଗ୍ଧକର ।
ସାଥୀ ଥାଏ ପାହାନ୍ତି ତାରା -
ରୁଚିରା ମଧୁରା....

ହଠାତ୍
ଭାଙ୍ଗିଯାଏ ନିଦ ମୋର
ଏ ତ ସ୍ୱପ୍ନ ! ...
କେବଳ ସ୍ୱପ୍ନ ଦେଇଯାଏ -
ଯାହା ସୁଖ ଯନ୍ତ୍ରଣାର ଅପୂର୍ବ ମିଳନ ।।

ନୟାଗଡ, ଓଡିଶା

ମୁଁ ଶୀତୁଆ ରାତିର ଶିଶିର

ଶ୍ରୀ ଲଳିତ ମୋହନ ମିଶ୍ର

ତୁମେ ଶୀତର ଝରା ଶେଫାଳୀ
ମୁଁ ଶୀତୁଆ ରାତିର ଶିଶିର
ତୁମେ ଭିଜ କିଛି କ୍ଷଣ...
ପୁଲକେ ମୋର ଶରୀର....।।

ତୁମ ଅସହାୟତାକୁ
ବେଶୀ କିଏ ବୁଝିବ ମୋ'ଠୁ...??
ମୋ କଥା ଭାବି ନିଜକୁ
ଦିଅ ନାହିଁ ଭାଙ୍ଗିବାକୁ ,
ମୁଁ ଆସିବି ପୁଣି ଫେରି
ମେଘ ହୋଇଗଲେ ଦୂର...।।

ଆଦ୍ରତାକୁ ଲୁହ ବୋଲି
କେବେହେଲେ ଭାବନାହିଁ,
ତୁମ ସ୍ପର୍ଶେ ନିମିଷକେ
ମଧୁ ହୁଏ ସବୁ କିଛି ,
ମୁଁ ଆସିବି ପୁଣି ଫେରି
ଧରି ପ୍ରୀତିର ସମୀର.....।।

ସ୍ୱଳ୍ପ ଜୀବନରେ ଲେଖା
ଆମର ମିଳନ ଗାଥା.
ନିଃଶବ୍ଦ ପ୍ରେମ କବିତା
ପ୍ରୀତିର ମଧୁ ସରିତା ,
ମୁଁ ଆସିବି ପୁଣି ଫେରି
ମୋ ରାଣ... ବିଶ୍ୱାସ କର.... ।।

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ଚନ୍ଦ୍ରଗିରି, ଗଜପତି

ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପୁଞ୍ଜା ଓ ପୁଲକର ନୂତନ ଇଷ୍ତାହାର ୨୦୧୯
-କାକର ଭିଜା-
କବିତା ସମ୍ଭାର

ଶୀତକୁ ପଦେ

ପ୍ରଭାତ କୁମାର ନାୟକ

ଶୀତ ଲୋ ତୋତେ କହୁଛି ଆଜି
ମୋର ହୃଦୟ ଭାଷା ,
କଥା ମୋ ତୁହି ରଖିବୁ ବୋଲି
ମୋ ମନେ ଅଛି ଆଶା ।

ତୋହରି କୋପେ ଥରଇ ତନୁ
ଥରଇ ତରୁ ଲତା ,
ଝରଣା ଜଳ ବରଫ ହୁଏ
ବୁଡଇ କାର ଚେତା ।

ସେ ଲାଗି ଆଜି ମୋ ମନେ ଭରେ
ଅନେକ ଶଙ୍କା ବ୍ୟଥା,
ଶୀତ ଲୋ ତୋତେ କହୁଛି ଆଜି
ବୀର ଯବାନ କଥା ।

ଦିବା ନିଶି ସେ ସମାନ ମଣି
ରୁହଇ ବରଫରେ ,
କେବେ ସେ କାଟେ ଜଙ୍ଗଲେ ରାତି
କେବେ ପାହାଡ଼ ପରେ ।

ଭୁଲଇ ତାର ଜୀବନେ ସୁଖ
ରକତ କରି ପାଣି ,
ଦେଶର ରକ୍ଷା ପାଇଁ ସେ ଭୋଗେ
ଅନେକ ଦୁଃଖ ଜାଣି ।

ତେଣୁ ଲୋ ଶୀତ ତୋହରି କୋପ
କମାଇ ଦେବୁ ତୁହି ,
ମୋ ଦେଶ ବୀର ଯବାନ ପୁଅ
ରହି ଅଛନ୍ତି ଯହିଁ ।

ଦ୍ୱିତୀୟ କଥା କହୁଛି ଶୀତ
ଶୁଣ ଲୋ କାନ ଦେଇ ,
ମୋ ଦେଶ ବୀର କୃଷକ ପୁଅ
ତା' ଦାନ କଥା ତୁହି ।

ରକତ ତାର ଝରାଇ ଝାଳେ
ଖଟଇ ଦିନ ରାତି ,
ବୁଡା କାକର ଶୀତଳ ବାଆ
ଥରାଏ ଯହିଁ ଛାତି ।

କରମ ଯୋଗୀ ରୂପରେ ସିଏ
କରମ କରି ଯାଏ ,
ତାହାରି ପାଇଁ ସଂସାର ଆଜି
ଆହାର ମୁଠେ ପାଏ ।

ତେଣୁ ଲୋ ଶୀତ ଜଡକୁ ତୋର
କମାଇ ଦେବୁ ତୁହି ,
ତା ଦାନ କଥା ପାଶେ ମୋ ମଥା
ଯାଉ ଅଛି ଲୋ ନଇଁ ।

ଶେଷରେ ତୋତେ କହୁଛି ଶୀତ
ଶୁଣ ଲୋ ଧ୍ୟାନ ଦେଇ ,
ବାଳୁତ ବୃନ୍ଦ ଉପରେ ତୁହି
କୋପ କରିବୁ ନାହିଁ ।

ଜୀବନ ଯାକ ସଂସାର ଦୁଃଖ
ସହିଛି କେତେ ସେହି ,
ବାର୍ଦ୍ଧକ୍ୟ କାଳ ହୋଇ ଅଚଳ
ମୃତ୍ୟୁକୁ ଅଛି ଚାହିଁ ।

ବାଳୁତ ଶିଶୁ ଈଶ୍ୱର ସମ
ଏ କଥା ଜାଣୁ ତୁହି ,
କୋମଳ ଅଙ୍ଗ ତୁମର ସଙ୍ଗ
ପାରେନା କେବେ ସହି ।

ଏ ଚଉ ବର୍ଗ ମାନବ ପରେ
କୋପ କରିବୁ ନାହିଁ,
ଏତିକି ମୋର ମିନତୀ ତୋତେ
ରଖିବୁ ଶୀତ ତୁହି ।

ଶୀତ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପୁଞ୍ଜା ଓ ପୁଲକର ନୂତନ ଇଷ୍ତାହାର ଶୀ ୨୦୧୯

-କାକର ଭିଜା-
କବିତା ସମ୍ଭାର

ଶୀତ ପାଇଁ ଗୀତ

ଅନୀମା ପଟ୍ଟନାୟକ

ବର୍ଷା ଋତୁ ପରେ ଶୀତ ଆସିଅଛି,
ଭରିଛି ହେମାଳ ପ୍ରୀତି,
ପାହାନ୍ତି ପହରେ ଝରା ଶେଫାଳି ତ,
ଗାଉଛି ବିରହ ଗୀତି।

ସୋରିଷ ହଳଦୀ,ଅଳସୀର ହସ,
ପୁଲକ ଜଗାଏ ସଭିଙ୍କ ମନ,
ମହୁମାଛି କଣ୍ଠେ ମତୁଆଲା ହସ,
ମଧୁ-ଚୋର ସେ ତ ନୁହଁଇ ଆନ।

ଶୀତୁଆ ସକାଳେ ପକ୍ଷୀର କାକଳି,
ଭରି ଦିଏ ମନେ ଅନନ୍ୟ ଭାବ,
ଉଦୟ ସୁରୁଜ ବୁଣଇ ମୁରୁଜ,
ହସି ଉଠେ ପରା ଏ ସାରା ଭବ।

ରୁପା କାକର ଟା ଘାସ ଗାଲିଚା ରେ,
ସୁରୁଜ ଢାଳଇ ସୁନେଲି ଖରା,
ଶୀତୁଆ ସକାଳ ବାସ ମହ ମହ,
ବିଲବାଡି ଦେଖ ଦିଶଇ ତୋରା।

ଶୀତ ଯେତେ ବେଶି ସେତେ ଉପଭୋଗୀ,
ଧନୀଜନ ପାଇଁ ପରା,
ଦୁଃଖୀ ଜନ ଦୁଃଖ କହିଲେ ନ ସରେ,
ଉଜଗରେ ବିତେ ରାତିଟା ସାରା।

ଶୀତଗୀତ ଆହା ତଥାପି ସୁନ୍ଦର
ଭରି ଅଛି ପ୍ରତିଶ୍ରୁତି
ମନେ ପ୍ରାଣେ କେତେ ବିଶ୍ୱାସ ଜଗାଏ
ମମତାମୟୀ ପ୍ରକୃତି ।।

ଭୁବନଶ୍ୱର , ଓଡିଶା